# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ବିଚଳିତ କରୁଛି ରାଜ୍ୟର ସୁଦୃଢ଼ ଶିକ୍ଷା ଭିତ୍ତିଭୂମି: ଡ. ଲେନିନ୍ ମହାନ୍ତି

**ସମ୍ବଲପୁର, ୧୮ ।୪(ସମିସ)**

ଶିକ୍ଷିତ ଯୁବବର୍ଗ ହିଁ ଏକ ବିକଶିତ ରାଜ୍ୟ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଏହି ନୀତିକୁ ପାଥେୟ କରି ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଓଡ଼ିଶାର ପ୍ରବେଶିକା ଭଳି କଠିନ ପରୀକ୍ଷା ପାସ କରୁଛନ୍ତି। ଶିକ୍ଷା ସହିତ କ୍ରୀଡା, କଳା ଓ ପିଲାଙ୍କ ମଧ୍ୟରେ ରହିଥିବା ଅର୍ନ୍ତନିହିତ ପ୍ରତିଭାର ସ୍ଫୁରଣ ଦିଗରେ ସଫଳତା ସାଉଁଟୁଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ସେହିଭଳି ଯଦି ଆମେ ସମ୍ବଲପୁର କଥା ଦେଖିବା ତାହେଲେ ସମ୍ବଲପୁରରେ ଓଡ଼ିଶା ରାଜ୍ୟ ଉନ୍ନତିକରଣ ପାଇଁ ୧୦୦୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଏଥିରେ ୭୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ନିର୍ମାଣ କରାଯିବା ସହିତ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ନିର୍ମାଣ ଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ର ଉନ୍ନତିକରଣ କରିବାକୁ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇଛି। ରାଜ୍ୟସରକାରଙ୍କ






ଶିକ୍ଷା କ୍ଷେତ୍ରରେ ଲାଗିଛି ରୂପାନ୍ତରଣର ସ୍ପର୍ଶ। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗରିବ ମେଧାବୀ ପିଲାଙ୍କ ସ୍ୱପ୍ନ ସାକାର ହେଉଥିବାବେଳେ ଉଚ୍ଚଶିକ୍ଷା ଗ୍ରହଣ ପାଇଁ ଖୋଲାଯାଇଛି ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନ। ଏହିକ୍ରମରେ ଦେଖିବାକୁ ଗଲେ ଆସନ୍ତା ୫ ବର୍ଷ ମଧ୍ୟରେ ସମ୍ବଲପୁର ଜିଲ୍ଲା ସାରା ରାଜ୍ୟରେ ଏଜୁକେସନ ହବ ପାଲଟିବାକୁ ଯାଉଛି। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଭିସୁଟ, ଭିମସାର ଭଳି ଉଚ୍ଚ ଶିକ୍ଷାନୁଷ୍ଠାନ ସମେତ ପ୍ରତେକ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଣାତ୍ମକ ମାନର ଶିକ୍ଷା ପାଇଁ ସାରା ଦେଶରେ ପ୍ରଶଂସା ସାଉଁଟୁଛି। ନବୀନ ଓଡ଼ିଶାର କର୍ତ୍ତବ୍ୟପରାୟଣ ସାରଥୀ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଶିକ୍ଷା କ୍ଷେତ୍ରରେ ସମ୍ବଲପୁରକୁ ସୁଦୃଢ଼ ଭିତ୍ତିଭୂମି ମିଳିବ। ଅପରପକ୍ଷେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇ ଗୋଟିଏ ବି କେନ୍ଦ୍ର ଶିକ୍ଷାନୁଷ୍ଠାନ ଗଢିବାରେ ଫେଲ ମାରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ତାଙ୍କର ଅପାରଗତାକୁ ଲୁଚାଇବା ପାଇଁ ସେ ବୁଲିବୁଲି ମିଛ କହୁଥିବା ଦେଖିବାକୁ ମିଳିଛି।

ଗୋଟିଏ ପଟେ କେନ୍ଦ୍ରର ପ୍ରବଞ୍ଚନା ହେଲେ ଅନ୍ୟପଟେ ରାଜ୍ୟ ସରକାରଙ୍କ ବିକାଶର ବ୍ଲୁ ପ୍ରିଣ୍ଟ। ରାଜ୍ୟର ପ୍ରତ୍ୟେକ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗଢିଉଠିଛି। ଗରିବ ମେଧାବୀ ପିଲା ଏଠାରେ ପାଠପଢ଼ି ଡାକ୍ତରୀ, ଇଞ୍ଜିନିୟରିଂ

- ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଭିସୁଟ୍‌କୁ ଏକ୍ସେଲେନ୍ସ ସେଣ୍ଟର
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ପ୍ରୟାସ
- ପ୍ରଣବ ପ୍ରକାଶଙ୍କ ନେତୃତ୍ୱରେ ଏଜୁକେସନ ହବ୍ ପାଲଟିବ ସମ୍ବଲପୁର
- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇ ଶିକ୍ଷାର ବିକାଶ ପାଇଁ କରିଛନ୍ତି କଣ?
- ସମ୍ବଲପୁରବାସୀଙ୍କୁ କେଉଁ ଲାଜରେ କହିବେ ମୁଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିଲି

ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସରେ ଗୋଶାଳା ସ୍ଥିତ ବସନ୍ତପୁରରେ ଏହାର ସ୍ଥାୟୀ କ୍ୟାମ୍ପସ ନିର୍ମାଣ କରାଯାଉଛି। ସେହିଭଳି ବୀର ସୁରେନ୍ଦ୍ର ସାଏ ୟୁନିଭରସିଟୀ ଅଫ ଟେକ୍ନୋଲୋଜି ବା ଭିସୁଟକୁ ଏକ୍ସଲେନ୍ସ ସେଣ୍ଟର କରିବା ପାଇଁ ପ୍ରସ୍ତାବିତ ମାଷ୍ଟରପ୍ଲାନରେ ମୋହର ମାରିଛନ୍ତି ମୁଖ୍ୟମନ୍ତ୍ରୀ। ୨୦୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଭିସୁଟ୍‌ର ନବକଳେବର ହେବ। ୨୦୨୬ ସୁଦ୍ଧା ଏଠାରେ ୨୪ଟି ସ୍ନାତକ ବିଭାଗରେ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢ଼ିବାର ବ୍ୟବସ୍ଥା କରାଯିବ। ସେହିଭଳି ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ବା ଭିମସାରର ଏଭଳି ପ୍ରୟାସ ଯୋଗୁଁ ସମ୍ବଲପୁରର ଶିକ୍ଷା କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ ହେବାକୁ ଯାଉଛି। ଆସନ୍ତା ସମୟରେ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ସମ୍ବଲପୁରର ଶିକ୍ଷା ବ୍ୟବସ୍ଥା କ୍ଷେତ୍ରରେ ଆହୁରି ପ୍ରଗତି କରିବ। ସାରା ରାଜ୍ୟରେ ସମ୍ବଲପୁର ଶିକ୍ଷାର ପ୍ରାଣକେନ୍ଦ୍ର ଭାବରେ ସ୍ୱତନ୍ତ୍ର ପରିଚୟ ହାସଲ କରିବ।

କେନ୍ଦ୍ରଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଥିବାରୁ ଦେଶରେ ଶିକ୍ଷାର ବିକାଶରେ ଧର୍ମେନ୍ଦ୍ର ପ୍ରଧାନଙ୍କର ଗୁରୁଦାୟିତ୍ୱ ରହିବା କଥା। ହେଲେ ଦେଶ କି ରାଜ୍ୟ କଥା ଛାଡନ୍ତୁ ଯେଉଁ ସମ୍ବଲପୁର ପାଇଁ ସେ ସ୍ୱପ୍ନ ଦେଖୁଛନ୍ତି ସେଠାରେ ଶିକ୍ଷାର ବିକାଶ ପାଇଁ ତାଙ୍କର ଅବଦାନ କଣ ? କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇବି ଆଜି ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାରେ ଗୋଟିଏ ବି କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ସ୍ଥାପନ କରିପାରି ନାହାନ୍ତି। ବୈଷୟିକ ଶିକ୍ଷାର ବିକାଶ କ୍ଷେତ୍ରରେ ମଧ୍ୟ ତାଙ୍କର ପ୍ରଚେଷ୍ଟା, ଅବଦାନ ଶୂନ। ଗତ ୨୦୦୯ ମସିହାରେ ବିଜେଡିର ସାଂସଦ ନଗେନ୍ଦ୍ର ପ୍ରଧାନ ଥିବା ସମୟରେ ଦେବଗଡ଼ରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ କରାଯାଇଥିଲା। ସେଠାରେ ଥିବା ଏକ ସରକାରୀ ବାଳିକା ବିଦ୍ୟାଳୟ କୋଠାରେ ଅଦ୍ୟାବଧି କେନ୍ଦ୍ରୀୟ ବିଦ୍ୟାଳୟରେ ପାଠପଢ଼ା ଚାଲିଛି। କୋଠା ନିର୍ମାଣ ପାଇଁ ରାଜ୍ୟ ସରକାର ଜମି ଯୋଗାଇ ଦେବା ସତ୍ତ୍ୱେ ସେଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଲ୍ଡିଂଟିଏ ନିର୍ମାଣ କରିପାରୁନାହାନ୍ତି। ପରବର୍ତ୍ତୀ ସମୟରେ କିନ୍ତୁ ବିରୋଧାଭାଷରୁ ବର୍ତ୍ତିବାକୁ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହେବା ପୂର୍ବରୁ ଭିତ୍ତିପ୍ରସ୍ତର ଦେଇ ଲୋକଙ୍କୁ ଭୁଆଁ ବୁଲାଇଛନ୍ତି। କେବଳ ଏତିକି ନୁହେଁ ଗତ ତିନିବର୍ଷ ତଳେ ସମ୍ବଲପୁରର ବାମରା, ଜମନକିରା ଓ ଯୁଯୁମୁରାରେ ତିନୋଟି ଏକଲବ୍ୟ ବିଦ୍ୟାଳୟ ନିର୍ମାଣ କରିବାକୁ କେନ୍ଦ୍ର ସରକାର ମଞ୍ଜୁରୀ କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଗୋଟିଏ ବିଦ୍ୟାଳୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇବି କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରି ଯଦି ଗୋଟିଏ ସ୍କୁଲ କରିପାରିଲେ ନାହିଁ ତାହେଲେ ସେ ସମ୍ବଲପୁରବାସୀ ସ୍ୱରକୁ ଦିଲ୍ଲୀ ଦରବାରରେ କେମିତି ପହଞ୍ଚାଇବେ ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କଲେଣି। ପିଲାଙ୍କ ଭବିଷ୍ୟତ ସହିତ ଖେଳି କ୍ଷମତା ଗାଦିରେ ବସିବାକୁ ପୁଣିଥରେ ପ୍ରପଞ୍ଚ କରୁଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ଲୋକେ ଏକଥା ବୁଝି ସାରିଲେଣି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ଓ କର୍ମତତ୍ପର ସିପାହୀ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ବାସୀଙ୍କ ଏ ସମସ୍ତ ସ୍ୱପ୍ନ ପୂରା କରିବେ ବୋଲି ସମ୍ବଲପୁର ଜନତା ଆଶାବାଦୀ ଅଛନ୍ତି। ବିଶେଷ କରି ପାଠ ପଢ଼ୁଥିବା ଯୁବବର୍ଗ ପ୍ରଣବ ପ୍ରକାଶ ଦାସଙ୍କ ଉପରେ ବିଶ୍ୱାସ ରଖିଛନ୍ତି। ପାଞ୍ଚବର୍ଷ କେବଳ କ୍ଷମତାକୁ ଉପଭୋଗ କରିବା ପରେ ଲୋକଙ୍କ ପାଖକୁ ପୁଣି ଯାଉଥିବା ବିଜେପିର ନେତାମାନଙ୍କୁ ଉଚିତ୍ ଜବାବ ଦିଆଯିବ ବୋଲି ଚର୍ଚ୍ଚା ହେଉଥିବାବେଳେ ରାଜ୍ୟ ସରାକରଙ୍କ ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି।

### ରଣାଙ୍ଗନରେ ଦୁଇ ପ୍ରବୀଣ, ଜଣେ ନବୀନ

# ଦୁଇ ପ୍ରବୀଣଙ୍କ ମଧ୍ୟରେ ଲଢେଇ

**କୁଚିଣ୍ଡା, ୧୮।୪(ସମିସ):** କୁଚିଣ୍ଡା ଆଦିବାସୀ ସଂରକ୍ଷିତ ନିର୍ବାଚନମଣ୍ଡଳୀ ଭୋଟ ଯେତିକି ପାଖେଇ ଆସୁଛି ଦିନକୁ ଦିନ ରାଜନୈତିକ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ସାରା ରାଜ୍ୟରେ ନବୀନ ସରକାରଙ୍କ ପ୍ରତି ଭୋଟରଙ୍କ ଆସ୍ଥା ବଢ଼ିବାରେ ଲାଗିଥିବା ବେଳେ ଦଳୀୟ କର୍ମୀଙ୍କଠାରୁ ସାଧାରଣ ଭୋଟର ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପୁଣି ଥରେ ଦେଖିବାକୁ ଚାହିଁଲେଣି। ପ୍ରତିଦିନ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିବିଶେଷ ଯୋଗ ଦେଉଥିବା ସହ ରାଜ୍ୟରେ ଏକପ୍ରକାର ବିରୋଧୀ ଦଳ ନିଶ୍ଚିହ୍ନ ହେବା ଉପରେ। କୁଚିଣ୍ଡା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ ଦଳରୁ ୫୯୧୧୨ ଭୋଟ ପାଇ ବିଜୟୀ ହୋଇଥିଲେ। ନିକଟତମ ବିଜେପି ପ୍ରତିଦ୍ୱନ୍ଦ୍ୱୀ ରବି ନାରାୟଣ ନାଏକ ୩୬୪୦୦ ଭୋଟ ଏବଂ ସେତେବେଳର ବିଜେଡି ପ୍ରାର୍ଥୀ ବୃନ୍ଦାବନ ମାଝୀ ୨୬୮୮୫ ଭୋଟ ପାଇଥିଲେ। ୨୦୧୪ ରୁ ୨୦୧୯ ମସିହାରେ କଂଗ୍ରେସ ତାର ପ୍ରାର୍ଥୀ ବଦଳାଇ ଶୋଭାରାମ ପ୍ରଧାନଙ୍କୁ କଂଗ୍ରେସ ଟିକେଟ ପ୍ରଦାନ କରି ନିର୍ବାଚନ ରଣାଙ୍ଗନକୁ ଆଣିଥିଲା। ଶୋଭାରାମ ପରାଜୟର ସ୍ୱାଦ ଚାଖିଥିଲେ। ବିଜେଡି ନୂତନ ଭାବେ କିଶୋର ନାଏକଙ୍କୁ ପ୍ରାର୍ଥୀ କରିଥିଲେ। ସେ ୭୨ହଜାର ୬୦୧ ଭୋଟ ପାଇ ବିଜୟୀ ହୋଇଥିଲେ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ରବିନାରାୟଣ ନାଏକ ୬୯ ହଜାର୯୩ ଭୋଟ ପାଇଥିଲେ। ଏଥର ବିଜେଡି ବାମରା ଅଞ୍ଚଳର ରାଜେନ୍ଦ୍ର ଛତ୍ରିଆଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପିର ପ୍ରାର୍ଥୀ ରବିନାରାୟଣ ନାଏକ ଅଛନ୍ତି। ଉଭୟ ପ୍ରାର୍ଥୀ ରାଜନୀତିରେ ପ୍ରବୀଣ ଥିବାବେଳେ କଂଗ୍ରେସ କିନ୍ତୁ ନୂତନ ଭାବେ କେଦାର ବରିହାଙ୍କୁ ପ୍ରାର୍ଥୀ କରିଛି। ରାଜେନ୍ଦ୍ର କଂଗ୍ରେସ ସମୟରେ ବିଧାୟକ ଥିବାବେଳେ କୁଚିଣ୍ଡା ଅଞ୍ଚଳ ପାଇଁ ବହୁଗୁଡିଏ ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଛାତ୍ରାବାସ ସହ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ଏଥର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜେନ୍ଦ୍ରଙ୍କ ପ୍ରତି ଆସ୍ଥା ରଖି ପ୍ରାର୍ଥୀ କରିଛନ୍ତି। ରାଜେନ୍ଦ୍ର ପ୍ରାର୍ଥୀ ହେବା ଦ୍ୱାରା ବାମରା ଅଞ୍ଚଳର ସମସ୍ତ ରାଜନୈତିକି ଦଳର ବହୁ କର୍ମୀ ତାଙ୍କର ପ୍ରଚାର ସାମିଲ ହୋଇ ବାମରା ଅଞ୍ଚଳରେ ଅତ୍ୟଧିକ ଭୋଟ ହାତେଇବାକୁ ତାଙ୍କର ପ୍ରୟାସ ଚଳାଇଛନ୍ତି। କୁଚିଣ୍ଡା ଓ ଜମନକିରାରେ କିପରି ଅଧିକରୁ ଅଧିକ ଭୋଟ ପାଇ ବିଜୟୀ ହେବେ ସେ ନେଇ ପ୍ରସ୍ତୁତି ଜୋରସୋରରେ ଚଳାଇଛନ୍ତି। କୁଚିଣ୍ଡା ନିର୍ବାଚନମଣ୍ଡଳୀରୁ ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ମଧ୍ୟ କିପରି ଅଧିକରୁ ଅଧିକ ଭୋଟ ପାଇ ବିଜୟୀ ହେବେ ସେ ନେଇ ଦଳ ପକ୍ଷରୁ ସମସ୍ତ ପ୍ରକ୍ରିୟା ଜାରି ରଖାଯାଇଛି।

# ହତ୍ୟାକାରୀ ବଡଭାଇଙ୍କୁ ଆଜୀବନ କାରାଦଣ୍ଡ

**ସମ୍ବଲପୁର,୧୮ ।୪(ସମିସ):** ସମ୍ବଲପୁର ଯୁଯୁମୁରା ଥାନା ଅଞ୍ଚଳରେ ୨୦୧୫ମସିହାରେ ଘଟିଥିବା ହତ୍ୟାକାଣ୍ଡ ଘଟଣାର ଆଜି ରାୟ ପ୍ରକାଶ ପାଇଛି। ପ୍ରଥମ ଜିଲ୍ଲା ସେସନ ଜଜ ଦେବାଶିଷ ପଣ୍ଡା ଅଭିଯୁକ୍ତ ଦୀନବନ୍ଧୁ ତିର୍କୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ୧୮ ଜଣଙ୍କ ସାକ୍ଷ୍ୟ ଓ ପୁଲିସ ତଦନ୍ତ ରିପୋର୍ଟକୁ ଆଧାର କରାଯାଇ ଦଣ୍ଡାଦେଶ ଜାରି କରିଛନ୍ତି। ଦୀନବନ୍ଧୁ ଏବେ ସମ୍ବଲପୁର ମଣ୍ଡଳ କାରାଗାରରେ ବିଚାରଧୀନ କଏଦୀ ଭାବେ ଅଛନ୍ତି। ସୂଚନାଯୋଗ୍ୟ ୨୦୧୫ମସିହା ସେପ୍ଟେମ୍ବର ୨୦ତାରିଖ ଘଟିଥିଲା ହତ୍ୟାକାଣ୍ଡ। ଜଙ୍ଗଲକୁ କାଠ ନେବାପାଇଁ ଦୁଇ ଭାଇ ଢ଼େଲ ଓ ଦୀନବନ୍ଧୁ ଯାଇଥିଲେ। ସମ୍ପତ୍ତି ଲୋଭରେ ରହିଥଲା ଦୀନବନ୍ଧୁ। ତେଣୁ ଜଙ୍ଗଲ ଭିତରେ ହତ୍ୟା କରିବାକୁ ଯୋଜନା କରିଥିଲା। ସୁଯୋଗ ନେଇ ଢ଼େଲଙ୍କୁ ପଥରରେ ଛେଚି ହତ୍ୟା କରିଥିଲା। ପରେ ଘରକୁ ଚାଲି ଆସିଥିଲା। ପରଦିନ ସକାଳେ ପୁଲିସ ଗ୍ରାମରେ ତଦନ୍ତ ପାଇଁ ପହଞ୍ଚିଥିଲା। ଏକ ସଭା ହୋଇଥିଲା ଏଥିରେ ଅଭିଯୁକ୍ତ ଦୀନବନ୍ଧୁ ତା ଭାଇକୁ ଜଙ୍ଗଲରେ ହତ୍ୟା କରି ଚାଲି ଆସିଥିବା କହିଥିଲା। ପରେ ତତ୍କାଳୀନ ଥାନା ଅଧିକାରୀ ବିଶ୍ୱପତି ପଣ୍ଡା ଓ ପୁଲିସ ଟିମ୍ ପହଞ୍ଚି ଜଙ୍ଗଲରୁ ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ କରାଯାଇଥିଲା। ଅଭିଯୁକ୍ତ ହତ୍ୟା ବ୍ୟବହୃତ କରିଥିବା ପଥର ଜବତ ହୋଇଥିଲା। ମୃତକ ପରିବାର ପକ୍ଷରୁ ସରକାରୀ ଓକିଲ ମହମ୍ମଦ ସବିର ମାମଲା ପରିଚାଳନା କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**କୁଚିଣ୍ଡା,୧୮।୪(ସମିସ):** ମହୁଲପାଲି ଥାନା କବରୀବାହାଲ ରାସ୍ତାକଡ଼ ପାହାଡ଼ ଉପରେ ଥିବା ଦୁର୍ଗା ମନ୍ଦିରରୁ ରାଜେନ୍ଦ୍ର ସିଂ(୬୨)ଫେରୁଥିବାବେଳେ ଏକ ଗାଡ଼ି ଧକ୍କା ଦେଇ ଫେରାର ମାରିଥିଲା। ମୃତ ରାଜେନ୍ଦ୍ର ବୁଧବାର ରାତି ପ୍ରାୟ ୧୦ଟାରେ ମନ୍ଦିରରୁ ନିଜ ଘରକୁ ଆସୁଥିଲେ। ଏହି ସମୟରେ କେଶେଇବାହାଲ ପଟୁ କୁଚିଣ୍ଡା ଅଭିମୁଖେ ଯାଉଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଥିଲା। ଖବର ପାଇ ପରିବାର ଲୋକେ ତୁରନ୍ତ ପହଞ୍ଚି କୁଚିଣ୍ଡା ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ପୁଲିସ୍‌କୁ ଖବର ଦେଇଥିଲେ। ଏ ନେଇ କୁଚିଣ୍ଡା ଥାନୋରେ ଏକ ମାମଲା ରୁଜୁ ହୋଇ ପୁଲିସ୍ ତଦନ୍ତ ଜାରିରହିଛି।

# ନାବାଳିକା ଦୁଷ୍କର୍ମ ମାମଲା, ଯୁବକଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ

**ସମ୍ବଲପୁର, ୧୮ ।୪(ସମିସ):** ସମ୍ବଲପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଭିଳାଷ ସେନାପତି ଗୁରୁବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ସୁରେଶ ମହାକୁଡ଼ (୩୫)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ୧୪ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଡାକ୍ତରୀ ରିପୋର୍ଟ ଓ ପୁଲିସ ତଦନ୍ତ ରିପୋର୍ଟକୁ ଆଧାର କରି ବିଚାରପତି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ଏକବର୍ଷ ସଶ୍ରମ କରାଦଣ୍ଡ ଶୁଣାଇଛନ୍ତି। ୨୦୨୧ ଜୁଲାଇ ୩୧ ତାରିଖରେ ଚାରମାଳ ଥାନାଞ୍ଚଳରେ ଜଣେ କଲେଜ ପଢ଼ୁଆ ନାବାଳିକାକୁ ସୁରେଶ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ନାବାଳିକା ଜଣକ ବଡ଼ମାଲ କଲେଜକୁ ନିୟମିତ ପଢ଼ିବାକୁ ଆସୁଥିଲା। ହେଲେ ଜୁଲାଇ ୩୧ ତାରିଖ ଉପରବେଳା ଘରକୁ ଫେରୁଥିବା ସମୟରେ ବର୍ଷା ହେବାରୁ ଏକ ନିକାଞ୍ଚନ ସ୍ଥାନରେ ଅଟକି ଥିଲେ। ଯାହାର ସୁଯୋଗ ନେଇ ସେଠାରେ ଥିବା ସୁରେଶ ତାଙ୍କ ସହ ଅସଦାଚରଣ କରିଥିଲା। ବଳପୂର୍ବକ ନାବାଳିକାଙ୍କୁ ପାଖ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲା। ସେ ଘରେ ପହଞ୍ଚିବା ପରେ ତାଙ୍କ ବାପାଙ୍କୁ ସବୁ କହିଥିଲେ। ଏନେଇ ତାଙ୍କ ବାପା ଚାରମାଲ ଥାନାରେ ଏତଲା ଦେଇଥିଲେ। ଏହାର ତଦନ୍ତ କରି ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ସହ ତୁରନ୍ତ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ପୋକ୍ସୋ ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

# ଦୁଇ କୁଇଣ୍ଟାଲ ମହୁଲ ପୋଚ ଜବତ

**ନାକଟିଦେଉଳ, ୧୮।୪(ସମିସ):** ନାକଟିଦେଉଳ ପୁଲିସ ଆଜି ସାଲେଭଟା ପଞ୍ଚାୟତ ଚେମେର୍ଦା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ଉ କରି ମଦ ପାଇଁ ପ୍ରସ୍ତୁତ ହୋଇଥିବା ଦୁଇ କୁଇଣ୍ଟାଲ ମହୁଲ ପୋଚ ଜବତ କରିଛି। ତେବେ ପୁଲିସର ଚଢ଼ଉବେଳେ ଏହି କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ପୁଲିସ ସେଠାରେ ଦେଶୀ ମଦ ରନ୍ଧାରେ ବ୍ୟବହୃତ ସରଞ୍ଜାମ ସହ ମହୁଲ ପୋଚ ନଷ୍ଟ କରିଦେଇଥିବା ସୂଚନା ଦେଇଛି।

# ଅଧିକ ମତଦାନ ହେବ ଆମ ସମସ୍ତଙ୍କ ଦାୟିତ୍ୱ: ଜିଲ୍ଲାପାଳ

**ସମ୍ବଲପୁର, ୧୮।୪(ସମିସ):** ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ସାଧାରଣ ନିର୍ବାଚନ-୨୦୨୪ପ୍ରସ୍ତୁତି ନେଇ ଆଜି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଘରୋଇ ବସ୍ ମାଲିକ ସଂଘ, ହୋଟେଲ ମାଲିକ ସଂଘ, ପେଟ୍ରୋଲ ପମ୍ପ ମାଲିକ ସଂଘ, ବ୍ୟବସାୟୀ ସଂଘ, ଷ୍ଟୋର ମ୍ୟାନେଜର, ଡୋମିନୋଜ, ପିଜା ହଟ୍,



କେଏଫସି, ମୁଭି ହଲ୍, ରିଲାଏନ୍ସ ଷ୍ଟୋର ଓ ଆନନ୍ଦ ସୁପର ମାର୍କେଟର ସଭାପତି, ସମ୍ପାଦକ ସାମିଲ ହୋଇଥିଲେ। ସମ୍ବଲପୁର ଜିଲ୍ଲାପାଳ କହିଥିଲେ ଯେ, ନିର୍ବାଚନ ଆମର ପର୍ବ, ଗଣତନ୍ତ୍ରର ଅଂଶ ହେବାର ଏକ ସୁଯୋଗ। ମତଦାନ ଦିନକୁ ଛୁଟି ଦିନ ଭାବରେ ନୁହେଁ ବରଂ 'କର୍ତ୍ତବ୍ୟ ଦିନ' ଭାବରେ ବିବେଚନା କରାଯିବା ଉଚିତ୍। ଆମର ମୁଖ୍ୟ ଦାୟିତ୍ୱ ହେଉଛି ନାଗରିକମାନଙ୍କୁ ଭୋଟ ଦେବା ପାଇଁ ଉତ୍ସାହିତ କରିବା। ଭୋଟର ମାସ୍କଟ୍ 'ଭୋଟର ଦାଦା' ଓ 'ଭୋଟର ନାନି' (ପାରମ୍ପରିକ ସମ୍ବଲପୁରୀ ଡ୍ରେସ୍ ପୋଷାକରେ ଡିଜାଇନ୍ କରାଯାଇଥିବା ସ୍ୱିପ୍ ଟୋଟେମ୍) ସେଲ୍‌ଫ ଫି ପଏଣ୍ଟ ଲଗାଇବା, 'ଭୋଟର ଦାଦା' ଓ 'ଭୋଟର ନାନି'ଙ୍କ ଆନିମେସନ ଭିଡିଓ ପ୍ରଦର୍ଶନ କରିବା, ସମ୍ବଲପୁରୀ ନିର୍ବାଚନୀ ଜିଙ୍ଗଲ୍ ମାଧ୍ୟମରେ ନାଗରିକମାନଙ୍କୁ ମତଦାନ ପାଇଁ ଉତ୍ସାହିତ କରିବାକୁ ବୈଠକରେ ଉପସ୍ଥିତ ଥିବା ସମସ୍ତ ଅନୁଷ୍ଠାନର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ମତଦାନ ପରେ ନିଜ ଦୋକାନକୁ ଆସୁଥିବା ଭୋଟରଙ୍କୁ କୌଣସି ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଉ ବୋଲି ସେ ଅନୁରୋଧ କରିଥିଲେ। 'ଭୋଟର ଦାଦା' ଓ 'ଭୋଟର ନାନି'ର ପୋଷ୍ଟରରେ ଏକ କ୍ୟୁଆର୍ କୋଡ୍ (ଛଜ ମକ୍ଯୁର ) ଲଗାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନାଗରିକମାନେ କ୍ୟୁଆର୍ କୋଡ୍ ମାଧ୍ୟମରେ ସ୍କାନ୍ କରି ମତଦାନ ପ୍ରକ୍ରିୟା ଏବଂ ଭୋଟରଙ୍କୁ ଉପଲବ୍ଧ ସୁବିଧା ସମ୍ପର୍କିତ ସୂଚନା ସମ୍ପର୍କରେ ଅଧିକ ଜାଣିପାରିବେ। ପ୍ରତ୍ୟେକ ଇଲେକଟ୍ରଙ୍କୁ ଭୋଟର ହେବାକୁ ପ୍ରୋତ୍ସାହିତ କରିବା ପାଇଁ ବ୍ରାଣ୍ଡିଂ, ବିଜ୍ଞାପନ ଓ ପୋଷ୍ଟର ମାଧ୍ୟମରେ ସହରାଞ୍ଚଳର ଉଦାସୀନତା ହ୍ରାସ କରିବା ଏବଂ ମତଦାନ ସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା। ସୃଜନଶୀଳ ଚିନ୍ତାଧାରା ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟଙ୍କ ମତାମତ ମଧ୍ୟ ଆଦାନ ପ୍ରଦାନ କରାଯାଇଥିଲା। ସ୍ୱୀପ କାର୍ଯ୍ୟକଳାପର ନୋଡାଲ ଅଫିସର/ ସିଡିଓ-କମ ଇଓ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଚାରୁ କୁମାର ବଳ, ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ଓ ସ୍ୱିପ୍ କାର୍ଯ୍ୟକ୍ରମର ସହକାରୀ ନୋଡାଲ ଅଫିସର ଶୁଭଦିପ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### କବରାପାଲିରେ ରାମନବମୀ

# ଆଜି ସୀତା ବିବାହ, ଆସନ୍ତାକାଲି ଶ୍ରୀରାମ ବନବାସ

**ପଢ଼ିଆବାହାଲ, ୧୮ ।୪ (ସମିସ):** ବୁଧବାର ଚୈତ୍ରନବମୀରୁ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଜନ୍ମଦିନ ଅବସରରେ ଯୁଯୁମୁରା ବ୍ଲକ କବରାପାଲିରେ ରାମନବମୀ ଉତ୍ସବ ମହାସମାରୋହର ଶୁଭାରମ୍ଭ ହୋଇଛି। ୧୯୮୪ ମସିହାରେ କବରାପାଲିରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ରାମନବମୀ ଉତ୍ସବ ପାରମ୍ପରିକ ରୀତାନୀତିରେ ହୋଇଆସୁଛି। ବୁଧବାର ସକାଳେ ଶତାଧିକ ମହିଳା ଘଣ୍ଟ, ଶଙ୍ଖ, କୀର୍ତ୍ତନ ସହ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା ଏବଂ ଲକ୍ଷ୍ମଣଙ୍କ ପ୍ରତିମାକୁ ରାମ ମନ୍ଦିରରୁ ମଣ୍ଡପକୁ ଆଣି ସେଠାରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ଅଶ୍ୱିନୀ ବିଶ୍ୱାଳଙ୍କ ନେତୃତ୍ୱରେ ରମେଶ ଦାସ, ସୁନିଲ ବିଶ୍ୱାଳ, ସୁବ୍ରତ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଏଥିରେ ରବୀନ୍ଦ୍ର ବଡ଼ାଇ ସପତ୍ନିକ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଦୀର୍ଘ ୧୧ ଦିନ ଧରି ମହାପ୍ରଭୁ ମନ୍ଦିର ବାହାର ମଣ୍ଡପରେ ରହି ଭକ୍ତମାନଙ୍କୁ ଦର୍ଶନ ଦେବାର ପରମ୍ପରା ଗାଁରେ ରହିଆସିଛି। ଏହି ସମୟରେ ମଣ୍ଡପରେ ପ୍ରତିଦିନ ରାମାୟଣ ପାଠ ସହିତ ସନ୍ଧ୍ୟାରେ ରାମଲୀଳା ନାଟକ ଆୟୋଜନ କରାଯାଇଥାଏ। ଏହି ଅବସରରେ ଗାଁରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଦୀର୍ଘ ୧୧ ଦିନ ଧରି ଗାଁରେ ଆମିଷ ଭକ୍ଷଣ ସହିତ ନିଶା ଦ୍ରବ୍ୟ ସେବନ ବନ୍ଦ ରହିଥାଏ। ଗ୍ରାମବାସୀ କଡ଼ାକଡ଼ି ଭାବେ ଏଭଳି ନିତିନିୟମ ପାଳନ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାନ୍ତି। ବୁଧବାର କାର୍ଯ୍ୟକ୍ରମରେ ରାମନବମୀ କମିଟିର ସଭାପତି ମହିମା ପ୍ରସାଦ ବଡ଼ାଇ, ଦିଲିପ ବଡ଼ାଇ, କ୍ଷୀରୋଦ ସାହୁ, ମନୋଜ କୁମାର ପଧାନ, ହେମନ୍ତ ସାହୁ, ରଞ୍ଜିତ ପଧାନ, ସଞ୍ଜୟ କୁମାର ପଧାନ ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ରାମନବମୀ ଆୟୋଜନରେ ସହଯୋଗ କରିଥିଲେ।



ଗୁରୁବାର ରାତିଠାରୁ ରାମଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମର ନାଟ୍ୟ ଅଭିନୟ ପରିବେଷଣ ଆରମ୍ଭ ହୋଇଛି। ଗୁରୁବାର ଶ୍ରୀରାମ ଜନ୍ମ ପରେ ଆଜି ସୀତାବିବାହ ଅନୁଷ୍ଠିତ ହେବ। ଆସନ୍ତାକାଲି ଶ୍ରୀରାମ ବନବାସ, ୨୧ରେ ସୀତା ଚୋରୀ, ୨୨ରେ ଲଙ୍କା ପୋଡି, ୨୩ ରେ ଇନ୍ଦ୍ରଜିତ୍, କୁମ୍ଭକର୍ଣ୍ଣ ଓ ରାବଣ ବଧ ସହିତ ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା କମିଟି ଘୋଷଣା କରିଛି। ପୂର୍ବ ବର୍ଷ ରହିଥିବା କମିଟିକୁ ବଳବତ୍ତର ରଖାଯାଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

### ବନ୍ୟପ୍ରାଣୀଙ୍କୁ ଅଂଶୁଘାତ ଭୟ

# ପର୍ଯ୍ୟାପ୍ତ ସୁବିଧା, ନିୟମିତ ତଦାରଖ: ଡିଏଫ୍ଓ

**ସମ୍ବଲପୁର,୧୮।୪(ସମିସ)**

ଅସହ୍ୟ ଗ୍ରୀଷ୍ମପ୍ରବାହରୁ ମିଳୁନାହିଁ ମୁକ୍ତି। ପ୍ରଚଣ୍ଡ ତାତି ଜନଜୀବନକୁ ଅତିଷ୍ଠ କରି ପକାଇଥିବାବେଳେ ଏଥରୁ ବାଦ୍ ପଡ଼ିନାହିଁ ବନ୍ୟଜୀବନ। ସଂରକ୍ଷିତ ଜଙ୍ଗଲରେ ପ୍ରାକୃତିକ ଜଳ ଉତ୍ସ ଶୁଖିଲା ପଡ଼ିଛି, ସୃଷ୍ଟି ହୋଇଛି ଖାଦ୍ୟ ସଙ୍କଟ ପର୍ଯ୍ୟାପ୍ତ ପାଣି ଅଭାବ। ହାତୀ ଓ ବନ୍ୟପ୍ରାଣୀଙ୍କ ଜୀବନକୁ ବିପଦରେ ପକାଇଛି ଚଳିତ ବର୍ଷର ତାପମାତ୍ରା। ଏହି ବିଶାଳକାୟ ଜୀବ ଅଂଶୁଘାତର ଶିକାର ହେବା ସହ ଅନ୍ୟ ବନ୍ୟପ୍ରାଣୀଙ୍କ ପ୍ରଭାବିତ ହେବାର ଭୟ ରହୁଛି। ହେଲେ ବନବିଭାଗ ସମସ୍ତ ବନ୍ୟପ୍ରାଣୀଙ୍କ ପାଇଁ ପାନୀୟ ଜଳ ସୁବିଧା କରିଦେଇଛି। ପୋଖରୀ, ଟ୍ରେଞ୍ଚ, ଝରଣାକୁ ପାଣିକୁ ବନ୍ଧ କରି ରଖିବା, ପୁରୁଣା ଜଳାଶୟକୁ ପୁନଃଉଦ୍ଧାର କରିବା ଭଳି ପଦକ୍ଷେପ ନେଇଛି। ଅଂଶୁଘାତ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ନେଇଥିବା ବନ ବିଭାଗ ସୂଚନା ଦେଇଛି। ଅନ୍ୟପଟେ ଶିକାର ହେବା ଏବେ ବନ ବିଭାଗର ଚିନ୍ତା ବଢ଼ାଇଛି। ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ, ପଢ଼ିଆବାହାଲ, ଧମା, ଟାଉନ ରେଞ୍ଜ ସହିତ ରେଢ଼ାଖୋଲ ଓ ବାମରା ବନଖଣ୍ଡ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ହାତୀ ଗତିବିଧି ପରିଲିକ୍ଷିତ ହୋଇଥାଏ। ଜିଲ୍ଲାରେ ଶତାଧିକ ହାତୀ ରହିଥିବା ରେକର୍ଡ ରହିଛି। ସଦର, ପଢ଼ିଆବାହାଲ ଓ ଧମା ସଂରକ୍ଷିତ ଜଙ୍ଗଲରେ ହାତୀପଲ ବିଚରଣ କରୁଥିବା ରେକର୍ଡ ରହିଛି। ହାତୀପଲ ଗ୍ରାମକୁ ପଶିଆସି ଧନଜୀବନ ନଷ୍ଟ କରୁଛନ୍ତି। ପଲରୁ ଅଲଗା ହୋଇ କେତେକ ହାତୀ ଏକାକୀ ବିଚରଣ କରନ୍ତି। ଏକ ଦନ୍ତା ହାତୀ କିଛି ମାସ ହେବ ଏହି ଅଞ୍ଚଳରେ ଉପଦ୍ରବ କରୁଛି। ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଠାରୁ ଅଧିକାରୀମାନେ ହାତୀପଲକୁ ଘଉଡ଼ାଇବାରେ ନୟାନ୍ତ ହୋଇଯାଉଛନ୍ତି। ଜିଲ୍ଲାରେ ୨୦୦ରୁ ଅଧିକ ହାତୀ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଛନ୍ତି। ଅସହ୍ୟ ଗ୍ରୀଷ୍ମପ୍ରବାହରେ ହାତୀ ସହିତ ଅନ୍ୟ ବନ୍ୟପ୍ରାଣୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏତେ ପରିମାଣର ହାତୀଙ୍କ ପାଇଁ ଖରାଦିନେ ଖାଦ୍ୟ ଓ ପାନୀୟ ସମସ୍ୟା ସୃଷ୍ଟି ହୋଇଥାଏ। ସେମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ହାତୀ-ମଣିଷ ସଂଘର୍ଷ ବଢ଼ିଥାଏ। ଅନ୍ୟପଟେ ଖାଦ୍ୟ ଓ ପାଣି ପାଇଁ ହାତୀ, କୁଟୁରା, ସମ୍ବର, ବରାହ, ଠେକୁଆ, ଭାଲୁ, ହରିଣ ଭଳି ଅନ୍ୟ ବନ୍ୟପ୍ରାଣୀ ଜଙ୍ଗଲରୁ ବାହାରି ଆସନ୍ତି। ସେମାନେ ଶିକାରୀଙ୍କ ହାବୁଡ଼ରେ ପଡ଼ିଯାଆନ୍ତି। ଏପଟେ ଶିକାରୀମାନେ ଖରାଦିନ ସୁଯୋଗ ନେଇ ନଦୀ, ପୋଖରି, ନାଳ ତଟରେ ଶିକାର ପାଇଁ ରାତିରେ ଜଗି ବସିଥାନ୍ତି। ଖରାଦିନେ ଅଧିକ ବନ୍ୟପ୍ରାଣୀ ଶିକାର ହୋଇଥାଏ ବୋଲି ପରିବେଶବିତମାନେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ବନଖଣ୍ଡ ଅଧିକାରୀ ବିଶ୍ୱନାଥ ନୀଳାମ୍ବରନ୍ କହିଛନ୍ତି ଯେ, ବନ୍ୟପ୍ରାଣୀଙ୍କ ପାଇଁ ଜଙ୍ଗଲ ଭିତରେ ପାଣିର ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚିରସ୍ରୋତା ଝରଣାରେ ପାଣିକୁ ବନ୍ଧା କରି ରଖାଯାଇଛି। ପୋଖରୀ ଗୁଡ଼ିକ ଖୋଲାଯାଇଛି। ପୁରୁଣା ପୋଖରୀ ପୁନଃ ଉଦ୍ଧାର ହୋଇଛି। ବନ ବିଭାଗ କର୍ମଚାରୀମାନେ ପାଣିର ସ୍ଥିତି ନେଇ ମଧ୍ୟ ନିୟମିତ ରିର୍ପୋଟ ଦେଉଛନ୍ତି। ଜିଲ୍ଲାରେ ପାନୀୟ ବନ୍ୟପ୍ରାଣୀଙ୍କ ପାଇଁ ଜଳ ସମସ୍ୟା ହେବ ନାହିଁ। ମହାନଦୀ ଓ ଏହାର ଶାଖା ନଦୀ, ନାଳ ଗୁଡିକ ରହିଛି। ଯେଉଁଥିରେ ଖରାଦିନେ ମଧ୍ୟ ପାଣି ରହିଥାଏ ବୋଲି ଡିଏଫ୍ଓ କହିଛନ୍ତି।



# ଆମ୍ବୁଲାନ୍ସରୁ ଫେରାର ରୋଗୀର ଝୁଲନ୍ତା ମୃତଦେହ ଉଦ୍ଧାର

**ସୋହେଲା, ୧୮।୪ (ସମିସ):** ସୋହେଲା ନିକଟସ୍ଥ ଇଚ୍ଛାପାଲି ଗ୍ରାମ ପାଖରେ ଗାଇସିଲେଟ ଥାନା ଜାମୁଟପାଲି ଗ୍ରାମର ଜନୈକ ବ୍ୟକ୍ତି ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି। ପୁଲିସ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଉଦ୍ଧାର କରିଛି। ଗାଇସିଲେଟ ଥାନା ଜାମୁଟପାଲି ଗ୍ରାମର ପ୍ରଭାକର ରାଉତ(୪୦) ମେଲଛାମୁଣ୍ଡା ଥାନା ଘେଁସ ଗ୍ରାମରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଗତକାଲି ରାତିରେ ସେ ଅସୁସ୍ଥ ହେବାରୁ ରାତି ପ୍ରାୟ ୧୨ଟା ସମୟରେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଚିକିତ୍ସା ପାଇଁ ସୋହେଲା ଅଣା ଯାଉଥିଲା। ସୋହେଲା ପହଞ୍ଚିବା ପୂର୍ବରୁ ସରଧାପାଲି ଓ ଇଚ୍ଛାପାଲି ଗ୍ରାମ ମଝିରେ ପ୍ରଭାକର ଝାଡ଼ା ଯିବା ବାହାନା କରି ଆମ୍ବୁଲାନ୍ସ ଅଟକାଇ ଥିଲେ ଏବଂ ଆମ୍ବୁଲାନ୍ସରୁ ଓହ୍ଲାଇ ବିଲ ଭିତରକୁ ଦୌଡ଼ି ପଳେଇଥିଲେ। ସାଙ୍ଗରେ ଥିବା ଲୋକେ ତାଙ୍କୁ ଖୋଜା ଖୋଜି କରି ନପାଇ ଫେରି ଯାଇଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ଏକ ଲିମ୍ବୁଗଛ ଡାଳରେ ଜଣେ ବ୍ୟକ୍ତିର ମୃତଦେହ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋହେଲା ଥାନା ଆଇଆଇସି ପ୍ରଣୟ ମୁର୍ମୁ, ଏଏସଆଇ ସର୍ବେଶ୍ୱର ସାହୁ ଏବଂ ଅନ୍ୟ ପୁଲିସ କର୍ମଚାରୀ ଘଟଣା ସ୍ଥଳକୁ ଯାଇଥିଲେ। ଉକ୍ତ ଲିମ୍ବୁଗଛ ଡାଳରେ ନିଜ ପିନ୍ଧା ଗାମୁଛାକୁ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପରେ କୌଣସି ସୂତ୍ରରୁ ଖବର ପାଇ ମୃତବ୍ୟକ୍ତିଙ୍କ ପରିବାର ଲୋକେ ପହଞ୍ଚି ଶବକୁ ଚିହ୍ନଟ କରିବା ପରେ ପୁଲିସ ପରିବାର ଲୋକଙ୍କ ଉପସ୍ଥିତିରେ ଶବକୁ ଗଛରୁ ତଳକୁ ଆଣି ଶବର ମାଇନା କରିଥିଲେ। ମୃତବ୍ୟକ୍ତିଙ୍କ ଭାଇ ଶ୍ରଦ୍ଧାକର ରାଉତଙ୍କ ଅଭିଯୋଗ କ୍ରମେ ପୁଲିସ ଏସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇ ଘଟଣାର ତଦନ୍ତ କରୁଛି।

**ଧାନଚାଷରେ ଗଣ୍ଡି ପୋକର ପ୍ରାଦୁର୍ଭାବ**

# ହଜାର ହଜାର ଏକର ଫସଲ ପ୍ରଭାବିତ

**ବରଗଡ଼, ୧୮।୪(ସମିସ)**

ଆଉ କିଛି ଦିନ ପରେ ରବିଧାନ ଅମଳ ହେବାକୁ ଥିବା ବେଳେ ବର୍ତ୍ତମାନ ଜିଲ୍ଲାରେ ବ୍ୟାପକ ପରିମାଣରେ ଗଣ୍ଡିପୋକର ପ୍ରାଦୁର୍ଭାବ ଦେଖା ଦେଇଛି। ଫଳରେ ହଜାର ହଜାର ଏକର ଧାନ ଚାଷ ପ୍ରଭାବିତ ହୋଇଛି। ଜିଲ୍ଲାରେ ଚାଷ ଆରମ୍ଭରୁ ଅର୍ଥାତ ପଲ୍ଲାରୁଆ ସମୟରେ ପ୍ରଥମେ ଗଣ୍ଡିପୋକ ଲାଗିଥିଲା। ପରେ

## ଇନ୍‌ପୁଟ୍ ସହାୟତା ଯୋଗାଇ ଦେବାକୁ ସଂଯୁକ୍ତ କୃଷକ ସଂଗଠନର ଦାବି

ପିଲ ବାହାରିବା ସହ ଧାନ କେଣ୍ଡା ବାହାରିବା ସମୟରେ ପୁଣି ଗଣ୍ଡିପୋକ ଲାଗିବା ଯୋଗୁଁ ଶତାଧିକ ଚାଷୀଙ୍କ ହଜାର ହଜାର ଏକର ଫସଲ ନଷ୍ଟ ହେବାକୁ ବସିଲାଣି। ଗଣ୍ଡିପୋକ ଯୋଗୁଁ ଧାନ କେଣ୍ଡା ଶୁଖି ଯାଉଥିବା ଦେଖିବାକୁ ମିଳୁଛି। ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ପରାମର୍ଶରେ କୀଟନାଶକ ସିଞ୍ଚନ କଲେ ସୁଦ୍ଧା ତାହା ଦମନ କରାଯାଇ ପାରୁନାହିଁ। ବରଗଡ଼ ସଦରବ୍ଲକ କଟାପାଲି ଗ୍ରାମର ଚିତ୍ରସେନ ସାହୁ,





ଦଶରଥ ସେଠ, ପ୍ରଦୀପ ମେହେରଙ୍କ ଚାଷ ପ୍ରାୟ ୩୩ ପ୍ରତିଶତରୁ ଅଧିକ ଧାନ ଫସଲ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ସେହିପରି ଗଣ୍ଡିପୋକର ପ୍ରାଦୁର୍ଭାବ ଯୋଗୁଁ ଭେଡେନ, ବରପାଲି, ବରଗଡ଼ ଏବଂ ଅତାବିରା ବ୍ଲକରେ ମଧ୍ୟ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ଅପରପକ୍ଷେ ଚାଷୀମାନେ ଖୋଲା ବଜାରରେ ବିକ୍ରି ହେଉଥିବା ବିଭିନ୍ନ କୀଟନାଶକ ପ୍ରୟୋଗ କରି ସେଥିରେ କୌଣସି ସୁଫଳ ମିଳୁ ନଥିବା ଏବଂ ତାହା ଅସଲି କି ନକଲି ତାକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି। ବରଗଡ଼ ଜିଲ୍ଲାରେ ବିଭାଗୀୟ ଉଦାସୀନତା କାରଣରୁ ହଜାର ହଜାର ଏକର ଜମିର ଧାନ ଫସଲ ନଷ୍ଟ ହେବାକୁ ବସିଥିବା ବେଳେ ଚାଷୀମାନେ ମୁଣ୍ଡରେ ହାତ ଦେଇ ନିଜ ଭାଗ୍ୟକୁ ନିନ୍ଦିବା ସାର ହୋଇଛି। ଅତାବିରା କୃଷକ ସଂଗଠନ ତରଫରୁ ସ୍ଥାନୀୟ ତହସିଲଦାରଙ୍କୁ ଏ ନେଇ ଅବଗତ କରାଯିବା ସହ କେମିତି ଫସଲ ରକ୍ଷା କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ନିବେଦନ କରାଯାଇଥିଲା। କୃଷି ବିଭାଗ ତରଫରୁ ଜିଲ୍ଲାର କେତେକ ଅଞ୍ଚଳରେ ଗଣ୍ଡିପୋକ ଲାଗିଥିବା ନେଇ ସ୍ୱୀକାର କରାଯିବା ସହ ପ୍ରଭାବିତ ଫସଲରେ ସଠିକ ଔଷଧ ବ୍ୟବହାର କରାଯିବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅମୀୟ କୁମାର ସାହୁ ସୂଚନା ଦେଇଛନ୍ତି। ସଂଯୁକ୍ତ କୃଷକ ସଂଗଠନ ତରଫରୁ ଜିଲ୍ଲାରେ ରୋଗପୋକ ଦମନ କରିବା ପାଇଁ ଉଦ୍ୟମ କରାଯିବା ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ତଥା ବୀମା ପ୍ରଦାନ କରାଯିବାକୁ ଦାବି କରାଯାଇଛି।

# କୁମ୍ଭାରପଡ଼ା ଶ୍ରୀରାମ ନବମୀ ଉତ୍ସବ ଉଦ୍‌ଯାପିତ

**ଦହିତା, ୧୮।୪ (ସମିସ):** ପଦ୍ମପୁର ଉପଖଣ୍ଡ ଦହିତା କୁମ୍ଭାରପଡ଼ା ପକ୍ଷରୁ ଦୀର୍ଘ ଦୁଇଦିନ ଧରି ଚାଲିଥିବା ୩୨ତମ ରାମନବମୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ଶତାଧିକ ମହିଳାଙ୍କ ଗହଣରେ ଭବ୍ୟ କଳସ ଶୋଭାଯାତ୍ରା ବିଭିନ୍ନ ବାଦ୍ୟର ତାଳେ ତାଳେ ଗ୍ରାମ ପରିକ୍ରମା କରିଥିଲା। ସ୍ଥାନୀୟ ବନ୍ଦେଶ୍ୱରୀ ନଦୀରୁ ଜଳପୂର୍ଣ୍ଣ କଳସ ଆଣି ପ୍ରଭୁ ଶ୍ରୀରାମଙ୍କ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ମକରଧ୍ୱଜ ରଣା ସପତ୍ନୀକ ପୂଜାକର୍ତ୍ତା ଭାବରେ ଦାୟିତ୍ୱ ଏବଂ ପଣ୍ଡିତ ଜୟ ବିହାରୀ ମାଝୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତିଦିନ ଦିବାରାତ୍ର ଗାୟିତା ରଶ୍ମିତା ମିଶ୍ରଙ୍କ ଦ୍ୱାରା ପାରାୟଣ ପରିବେଷଣ କରାଯାଇଥିଲା। ଏଥିରେ ଅସଂଖ୍ୟ ଭକ୍ତଙ୍କ ସମାଗମ ହୋଇଥିଲା। ଅନିରୁଦ୍ଧ ରଣା, ନିତେଶ ବାଗ, ନିର୍ମଳ ଗାଆଣ, ଦିଲ୍ଲିପ ବାଗ, ଚନ୍ଦ୍ରମଣି ରଣା ଏବଂ ପଡ଼ାବାସୀ ସମସ୍ତେ ମିଶି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଜୁରିଆ ଶିଶୁ ମନ୍ଦିରରେ ରାମନବମୀ ପାଳନ

**ଦହିତା, ୧୮।୪ (ସମିସ):** ଜୁରିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଘୋଷବାଦ୍ୟ, ଶଙ୍ଖ ଧ୍ୱନି ସହ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ଶ୍ରୀରାମଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସସ୍ମିତା ସାହୁଙ୍କ ପରିଚାଳନାରେ ଆୟୋଜିତ ସଭାରେ କ୍ଷୀରୋଦ୍ର ମହାମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଗୁଣାବଳୀର ସ୍ମୃତିଚାରଣ କରିଥିଲେ। ହରିପ୍ରିୟା ନାୟକ ପରିଚୟ ପ୍ରଦାନ କରିଥିବା ବେଳେ ଗୀତା ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଅଭିଭାବିକା ସହଯୋଗ କରଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀରାମ ନବମୀ ପାଳିତ

**ପଦ୍ମପୁର, ୧୮।୪ (ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଦ୍ମପୁରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗୋପାଳଜୀ ମନ୍ଦିରରୁ ଏକ ସୁସଜ୍ଜିତ ରଥରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ମୂର୍ତ୍ତିକୁ ପୂଜାପାଠ କରାଯାଇ ଶିଶୁ ମନ୍ଦିରକୁ ଅଣାଯାଇଥିଲା। ଏହି ଅବସରରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶରେ ବହୁ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

# ଦେବେଶ ଆଚାର୍ଯ୍ୟଙ୍କ ବ୍ୟାପକ ନିର୍ବାଚନୀ ପ୍ରଚାର



**ବରଗଡ଼, ୧୮।୪(ସମିସ) :** ବରଗଡ଼ ବିଧାନସଭା ପାଇଁ ବିଜୁ ଜନତା ଦଳ ପ୍ରାର୍ଥୀ ଭାବେ ତୃତୀୟ ଥର ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ଦେବେଶ ଆଚାର୍ଯ୍ୟ ଇତି ମଧ୍ୟରେ ନିଜ ନିର୍ବାଚନ ମଣ୍ଡଳୀରେ ଜନ ସମ୍ପର୍କ ଅଭିଯାନ ମାଧ୍ୟମରେ ବିଭିନ୍ନ ଗ୍ରାମ ଓ ଗ୍ରାମପଞ୍ଚାୟତ ଗସ୍ତ କରି ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେଉଥିବା ନାମ ଯଜ୍ଞରେ ଯୋଗ ଦେଉଥିବା ବେଳେ ସମ୍ପୃକ୍ତ ଗ୍ରାମବାସୀଙ୍କୁ ଭେଟି ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳ କୁ ଭୋଟ ପ୍ରଦାନ ପାଇଁ ନିବେଦନ କରିଛନ୍ତି। ଚଳିତ ନିର୍ବାଚନରେ ବରଗଡ଼ ନିର୍ବାଚନ ମଣ୍ଡଳୀରେ ହୋଇ ଥିବା ବିକାଶ ଆଧାରରେ ଶ୍ରୀ ଆଚାର୍ଯ୍ୟ ଜନ ସାଧାରଣଙ୍କ ପାଖକୁ ଯାଇ ପୁଣି ଥରେ ଆଶୀର୍ବାଦ କାମନା କରୁଥିବା ଲକ୍ଷ୍ୟ କରାଯାଇଛି। ଏହି ଅବସରରେ ସେ ତେଲେନଟିକ୍ରା, ତିଳପାଲି, ବୀର ସୁରେନ୍ଦ୍ର ସାଏ ନଗର କଦଳିପାଲି, ବରଗଡ଼ର ବିଭିନ୍ନ ୱାର୍ଡ଼ ସମେତ ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେଉଥିବା ନାମଯଜ୍ଞ ମାନଙ୍କରେ ଯୋଗ ଦେଇ ଭଗବାନଙ୍କ ଆଶୀର୍ବାଦ କାମନା ସହିତ ଜନ ସାଧାରଣଙ୍କୁ ଭେଟି ରାଜ୍ୟ ସରକାର ଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ ଭାବ ବିନିମୟ କରୁଥିବା ଦେଖିବାକୁ ମିଳିଛି।

# ଦହିତାରେ ବିନ୍ଧ୍ୟବାସିନୀ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି

**ଦହିତା, ୧୮।୪ (ସମିସ):** ପଦ୍ମପୁର ଉପଖଣ୍ଡ ଦହିତା ୧୦୦ ଲାଖ୍ ବିଂଝାଲ ସମାଜ ପକ୍ଷରୁ ମାଁ ବିନ୍ଧ୍ୟବାସିନୀଙ୍କ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଆସନ୍ତା ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ। ଏଥିରେ କଳସ ଯାତ୍ରା, ପ୍ରତିଦିନ ପୁରାଣ ପଠନ, ପାରାୟଣ ଏବଂ ରାତ୍ରରେ ଅପେରା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ୨୨ ତାରିଖ ସକାଳୁ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିରେ ଶତାଧିକ ମହିଳା ପୁରୁଷ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ସହ ବାହାରି ଗ୍ରାମ ପରିକ୍ରମା କରିବେ। ଆଦିବାସୀ ନେତା ତଥା ଗୋବର୍ଦ୍ଧନ ଭୋଏ, ହାଡୁ ବରିହା, ରଘୁମଣି ବରିହା, ସତ୍ୟନାରାୟଣ କମାତି, ପଦ୍ମନ ବରିହା, ବୁଦ୍ଧଦେବ କମାତି, ରମାକାନ୍ତ ଅମରୀ ପ୍ରମୁଖ ସମାଜର କର୍ମକର୍ତ୍ତା ଏଥିରେ ସାମିଲ ହେବେ। ୨୪ତାରିଖ ରାତ୍ରରେ ଗଣେଶ ଅପେରା, ଜଟଲାର ନାଟକ ପରିବେଷିତ ହେବ ବୋଲି ଆୟୋଜକ କମିଟୀ ପକ୍ଷରୁ ସୂଚନା ମିଳିଛି।

# ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

**ଥୁଆପାଲି, ୧୮।୪(ସମିସ):** ବରଗଡ଼ ଜିଲ୍ଲା ରେମଣ୍ଡା ପଞ୍ଚାୟତର ଭୋଇପାଲି, ରେମଣ୍ଡା ଗ୍ରାମର ବଡ଼କଟା, ଗୁଡେଲବନ୍ଧ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଗୁଡ଼ିକ ମୁକୁଳା ହୋଇ ପଡ଼ିଛି। ପାଚେରୀ ନଥିବାରୁ ଏହା ମଧ୍ୟକୁ ଗୋରୁଗାଈ ପଶି ଯାଉଥିବା ଦେଖା ଯାଉଛି। ବିଦ୍ୟୁତ ତାର ଗୁଡ଼ିକ ମଧ୍ୟ ମୁକୁଳା ଅବସ୍ଥାରେ ଅତି ତଳକୁ ଝୁଲି ରହିଛି। ଏହି ରାସ୍ତା ଦେଇ ସବୁବେଳେ ଜନସାଧାରଣ ଯିବା ଆସିବା କରୁଥିବାରୁ ଟିକିଏ ଅସାବଧାନତା ମୂଲ୍ୟବାନ ଜୀବନ ନେଇପାରେ ବୋଲି ଆଶଙ୍କା ରହିଛି। ଗତକାଲି ଭୋଇପାଲି ଠାରେ ଏକ ଶିଶୁ ଖେଳୁ ଖେଳୁ ଉକ୍ତ ଟ୍ରାନ୍ସଫର୍ମର ନିକଟକୁ ଚାଲି ଯାଇଥିଲା। ଏହି ସମୟରେ ସୁବାଷ ଭୋଇ ନାମକ ଜଣେ ବ୍ୟକ୍ତି ଉକ୍ତ ଶିଶୁ କୁ ସେଠାରୁ ତୁରନ୍ତ ଉଦ୍ଧାର କରି ଥିଲେ। ନହେଲେ ଏକ ବଡ଼ ଅଘଟଣ ଘଟିଥାନ୍ତା ବୋଲି ଭୋଇପାଲି ଗ୍ରାମରେ ଚର୍ଚ୍ଚା ହେଉଛି। ଟ୍ରାନ୍ସଫର୍ମର ଚାରିକଡ଼େ ପାଚେରୀ ଦେବା ନିମନ୍ତେ ବରଗଡ଼ ବିଦ୍ୟୁତ ବିଭାଗର ଉପରିସ୍ଥ ଅଧିକାରୀ ମାନେ ଆବଶ୍ୟକ ପଦକ୍ଷେପ ନେବାକୁ ଭୋଇପାଲି ଓ ରେମଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।



**ଆପ୍‌ର ପ୍ରାର୍ଥୀ ଘୋଷଣା ପରେ କର୍ମୀ ମହଲରେ ଉତ୍ସାହ**

# ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ସହ ୩୦୦ ୟୁନିଟ୍ ବିଜୁଳି ମାଗଣା ଘୋଷଣା

**ବରଗଡ଼, ୧୮।୪(ସମିସ):** ଗତ ବୁଧବାର ଆମ୍ ଆଦ୍‌ମୀ ପାର୍ଟୀର ପ୍ରଥମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା ହୋଇଥିଲା। ଏଥିରେ ବରଗଡ଼ ଜିଲ୍ଲାର ୫ଗୋଟି ବିଧାନସଭା ମଧ୍ୟରୁ ୪ଗୋଟି ଆସନରେ ପ୍ରାର୍ଥୀ ଘୋଷଣା କରାଯାଇଛି। ଯେଉଁଥିରେ ବରଗଡ଼ ବିଧାନସଭା ପାଇଁ ଡାକ୍ତର ଆଶୀଷ ଶତପଥୀଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଅତାବିରାରେ ଜୟକୃଷ୍ଣ ଛୁରିଆ, ପଦ୍ମପୁରରେ ବାଲ୍ମିକୀ ନାଏକ ଏବଂ ଭଟଲିରେ ଶାହରୁଖ ଲୋଧିଆ ପ୍ରାର୍ଥୀ ହୋଇଛନ୍ତି। ଯାହାକୁ ନେଇ ଗୁରବାର ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଆପ୍‌ର ବରଗଡ଼ ଜିଲ୍ଲା ଆବାହକ ଭବାନୀ ପ୍ରସାଦ ସାହୁ ଶିକ୍ଷା, ସ୍ୱାସ୍ଥ୍ୟ, ୩୦୦ ୟୁନିଟ ମାଗଣା ବିଜୁଳି, ରୋଜଗାର ପ୍ରସଙ୍ଗରେ ଆଗକୁ କାମ କରିବା ପାଇଁ ଆପ୍ ଲକ୍ଷ୍ୟ ରଖିଥିବା ବେଳେ ଚାଷୀ ମାନଙ୍କୁ ଫସଲର ଉଚିତ ମୂଲ୍ୟ ଓ ମହିଳାଙ୍କୁ ସୁରକ୍ଷା ସହ ମାସିକୁ ୧୦୦୦ ଟଙ୍କା ସହାୟତା ରାଶି ସହ ବାର୍ଦ୍ଧକ୍ୟ ଭତ୍ତା ୨୦୦୦ ଟଙ୍କା ଦେବାକୁ ଆପ୍ ଲକ୍ଷ୍ୟ ରଖିଛି ବୋଲି କହିଥିଲେ। ଏହି ନିର୍ବାଚନକୁ ପ୍ରସଙ୍ଗ ଭିତ୍ତିକ କରିବା ପାଇଁ ଆପ୍ ଲକ୍ଷ୍ୟ ରଖିଥିବା ସେମାନେ ପ୍ରକାଶ କରିଥିଲେ। ସେହିପରି ଆମ ଆଦମୀ ପାର୍ଟି ଓଡ଼ିଶାରେ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ଦେବ ନାହିଁ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ଆପର ସମସ୍ତ ପ୍ରାର୍ଥୀଙ୍କ ସମେତ ଜିଲ୍ଲା ସମ୍ପାଦକ ସ୍ୱରୂପ ଭୋଇ ଉପସ୍ଥିତ ଥିଲେ।

# ବାବା କପିଳେଶ୍ୱର ମନ୍ଦିରର ରୌପ୍ୟ ଶକ୍ତିପୀଠ ପ୍ରବେଶ ଉତ୍ସବ

**ବରପାଲି, ୧୮।୪ (ସମିସ):** ବରପାଲି ବାବା କପିଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ରୌପ୍ୟ ଶକ୍ତିପୀଠ, ଗର୍ଭଗୃହ ଓ ତୋରଣ ଶୁଦ୍ଧିକରଣ ସହ ପ୍ରତିଷ୍ଠା ମହୋତ୍ସବ ପାଳିତ ହୋଇଯାଇଛି। ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଆନନ୍ଦ ବାବୁ ପୂଜାକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ସଦାନନ୍ଦ ଦାଶଙ୍କ ପୌରାହିତ୍ୟରେ ପୂଜାର୍ଚ୍ଚନା ତଥା ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କମିଟି କର୍ମକର୍ତ୍ତା ମାନଙ୍କ ସମେତ ବହୁ ଶୈବଭକ୍ତ ଉତ୍ସବରେ ସାମିଲ ହୋଇଥିଲେ। ପୂଜାର୍ଚ୍ଚନା ସମାପନ ପରେ ବାବା କପିଳେଶ୍ୱର ମହାଦେବଙ୍କ ମନ୍ଦିର ଗର୍ଭଗୃହ ଓ ତୋରଣ ଶୁଦ୍ଧିକରଣ ହେବା ସହ ରୌପ୍ୟ ଶକ୍ତିପୀଠ ପ୍ରବେଶ ଉତ୍ସବ ପାଳିତ ହୋଇଥିଲା।



# ସୋହେଲା ବାସନ୍ତୀକ ନବରାତ୍ର ଦୁର୍ଗାପୂଜା ସମ୍ପନ୍ନ

**ସୋହେଲା, ୧୮।୪(ସମିସ):** ସାର୍ବଜନୀନ ଦୁର୍ଗାପୂଜା କମିଟି ସୋହେଲା ଦ୍ୱାରା ସ୍ଥାନୀୟ ମାଁ ଦୁର୍ଗାଙ୍କ ମନ୍ଦିରରେ ଗତ ୯ତାରିଖରୁ ଆରମ୍ଭ ହୋଇଥିବା ଚୈତ୍ର ବାସନ୍ତୀକ ନବଦିନାତ୍ମକ ଦୁର୍ଗାପୂଜାର ଆଜି ଦଶମୀ ବିହିତ ପୂଜା, ସର୍ବ ଦେବାଦେବୀ ହୋମ ପରେ ପୂଜାର ପୂର୍ଣ୍ଣାହୁତି ସହିତ ଅପରାଜିତା ଗ୍ରହଣ ଆରତୀ ପରେ ଘଟ ବିସର୍ଜନ ସହିତ ୧୦ଦିନ ଧରି ଚାଲିଥିବା ପୂଜା ସମାପନ ହୋଇଥିଲା। ନବରାତ୍ର ଦୁର୍ଗାପୂଜା ଅବସରରେ ଗତକାଲି ରାମନବମୀ ଉପଲକ୍ଷେ ସନ୍ଧ୍ୟାରେ ଏକ ଭବ୍ୟ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଶିଶୁମାନେ ଶ୍ରୀରାମ, ଲକ୍ଷ୍ମଣ ଓ ହନୁମାନ ବେଶରେ ବାହାରି ଏକ ସୁସଜ୍ଜିତ ରଥରେ ବସି ଶୋଭାଯତ୍ରାରେ ଯାଇଥିଲେ। ଦୁଲଦୁଲି, ଡିଜେ ସହିତ ଦୁର୍ଗାମନ୍ଦିରରୁ ବାହାରିଥିବା ଶୋଭାଯାତ୍ରା ପଦ୍ମପୁରରୋଡ଼୍, ଲାଲ ମନ୍ଦିର ଛକ ହୋଇ ଥାନାଛକ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ସମ୍ପାଦକ ଦିଲୀପ ଖମାରୀ, ଲଳିତ ଅଗ୍ରୱାଲା, ପ୍ରମୋଦ ଦେବତା, ଗିରିଜେଶ ଖାଡଙ୍ଗା, ସୁଶାନ୍ତ ମିଶ୍ର, ସୁବ୍ରତ ସିଂ, ମୁକେଶ ଅଗ୍ରୱାଲା, ବାବୁଲୁ ଦେବତାଙ୍କ ସମେତ ଶତାଧିକ ଲୋକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମାରୱାଡ଼ି ଯୁବାମଞ୍ଚ ଏବଂ ଜୟଦୁର୍ଗା ଏସୋସିଏସନ ତରଫରୁ ସରବତ ଏବଂ ଥଣ୍ଡା ପାନୀୟ ଏବଂ ସାର୍ବଜନୀନ ନାମଯଜ୍ଞ କମିଟୀ ତରଫରୁ ଅନ୍ନଭୋଗ ପ୍ରଦାନ କରା ଯାଇଥିଲା। ରାମନବମୀ ଅବସରରେ ଦୁର୍ଗାପୂଜା କମିଟି ତରଫରୁ ହଟଲି ମଣ୍ଡପ ଏବଂ ଚେତନା ମଣ୍ଡପରେ ସୁମୀ ବାଗ, ମିଲି ସା ଏବଂ ଶ୍ରୀୟା ମେହେରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



**ସାଧାରଣ ନିର୍ବାଚନ ନେଇ**

# ଜୟ କିଶାନ ଆନ୍ଦୋଳନର ଘୋଷଣାପତ୍ର ଉନ୍ମୋଚିତ

**ବରଗଡ଼, ୧୮।୪(ସମିସ)**

୨୦୨୪ ସାଧାରଣ ନିର୍ବାଚନରେ ଜୟ କିଶାନ ଆନ୍ଦୋଳନର ଭୂମିକା ଏବଂ ଆଭିମୁଖ୍ୟକୁ ନେଇ ଏକ ପ୍ରଚାରପତ୍ର ଓ ରାଜ୍ୟସ୍ତରୀୟ ଘୋଷଣାପତ୍ର ଗୁରୁବାର ଉନ୍ମୋଚିତ ହୋଇଯାଇଛି। ବିଜେପି ନେତୃତ୍ୱାଧିନ ମୋଦୀ ସରକାର ୨୦୧୪ ସାଧାରଣ ନିର୍ବାଚନରେ ବିଭିନ୍ନ ପ୍ରତିଶୃତି ଦେଇଥିଲା। ତନ୍ମଧ୍ୟରୁ ସ୍ୱାମୀନାଥନ୍ କମିସନଙ୍କ ସୁପାରିଶ କ୍ରମେ ପ୍ରତ୍ୟେକ ଫସଲର ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ମୂଲ୍ୟ ପ୍ରଦାନ, ଏମ୍ ଏସ୍ ପି କୁ ଆଇନଗତ ମାନ୍ୟତା, ଦେଶର ସମସ୍ତ କୃଷକମାନଙ୍କ ଋଣ ଛାଡ, ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ, କୃଷକର ଆୟ ଦୁଇଗୁଣ, ବିଦେଶରେ ଗଚ୍ଛିତ କଳାଧନକୁ ଅଣାଯିବା ଆଦି ମୁଖ୍ୟ ପ୍ରସଙ୍ଗ ଥିଲା। କିନ୍ତୁ ସରକାରରେ ଆସିବା ପରେ କୌଣସି ଗୋଟିଏ ମଧ୍ୟ ପ୍ରତିଶୃତି ପାଳନ କଲା ନାହିଁ। ୨୦୨୦ ମସିହାରେ କରୋନା କଟକଣା ସମୟରେ ଏହାକୁ ଏକ ସୁଯୋଗ ଭାବି ତିନୋଟି କଳା ଆଇନ ଅଣାଗଲା। ଯାହାକୁ ପ୍ରତ୍ୟାହାର କରିବା ପାଇଁ ଚାଷୀମାନଙ୍କୁ ଦେଶବ୍ୟାପୀ ୧୩ ମାସ ଆନ୍ଦୋଳନ କରିବାକୁ ପଡ଼ିଥିଲା। ଏହି ନିର୍ବାଚନ ପୂର୍ବରୁ ଇଲେକ୍ଟୋରାଲ୍ ବଣ୍ଡକୁ ନେଇ ସୁପ୍ରିମକୋର୍ଟରେ ଯେଉଁ ଦେଶର ସର୍ବ ବୃହତ ଦୁର୍ନୀତିର ପର୍ଦ୍ଦାଫାସ କରାଯାଇଛି। ଯେଉଁ ଦଳ କଂପାନି ମାନଙ୍କ ଠାରୁ ହଜାର ହଜାର କୋଟି ଟଙ୍କାର ଚାନ୍ଦା ନେବ ସେ କେବେ ସାଧାରଣ ଜନତା, କୃଷକ, ଦଳିତ, ଆଦିବାସୀ ଶୋଷିତ ବଞ୍ଚିତ ଶ୍ରେଣୀ ପାଇଁ କାମ କରିବ ନାହିଁ। ଏପରି ପରିସ୍ଥିତିରେ ପୁଣି ଥରେ ନିର୍ବାଚନ ଆସିଛି। ଏହି ନିର୍ବାଚନରେ କୃଷକ ମଜଦୁର ମାନଙ୍କ ସମସ୍ୟା କିପରି ନିର୍ବାଚନର ପ୍ରସଙ୍ଗ ହେବ ସେ ଦିଗରେ ସଂଗଠନ ବିଭିନ୍ନ ସ୍ଥାନରେ ସଭାସମିତି ଜରିଆରେ ଜନସାଧାରଣଙ୍କୁ ସଚେତନ କରିବା ସହ ଚାଷୀ ବିରୋଧି ସରକାରକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଆହ୍ୱାନ ଦିଆଯିବ ବୋଲି ବରିଷ୍ଠ ଚାଷୀ ନେତା ତଥା ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଂଗରାଜ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଅରୁଣ କୁମାର ସାହୁ ଏବଂ ଅରୁଣ ପ୍ରଧାନ ଯୋଗଦାନ କରିଥିଲେ।




# ଅତାବିରା ବିଜେପି ପ୍ରାର୍ଥୀଙ୍କୁ ବିରୋଧ କଲେ ଦଳୀୟ କର୍ମକର୍ତ୍ତା




**ବରଗଡ଼, ୧୮।୪(ସମିସ) :** ଅତାବିରା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦଙ୍କ ପ୍ରତି ବିରୋଧାଭାସ ବଢ଼ିବାକୁ ଲାଗିଛି। ଗୁରୁବାର ଅତାବିରା ବ୍ଲକ ରେଙ୍ଗାଲିକ୍ୟାମ୍ପ ଛକରେ ବିଜେପି ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦଙ୍କୁ ବିଜେପି କର୍ମକର୍ତ୍ତାମାନେ ବିରୋଧ କରିଥିଲେ। ଏ ନେଇ ସେମାନେ ରେଙ୍ଗାଲିକ୍ୟାମ୍ପ ଛକରେ ବସି ରହି ଖୋଲାଖୋଲି ବିରୋଧ କରୁଥିବା ଦେଖିବାକୁ ମିଳିଥିଲା। ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ବିରୋଧ ସହ ଦଳରେ ନୀତି ଆଦର୍ଶ ଭଳି ଆଉ କିଛି ନ ଥିବା କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଅତାବିରାରେ ବିଜେପି ଯଦି ପ୍ରାର୍ଥୀ ପରିବର୍ତ୍ତନ ନକରେ ତେବେ ଦଳୀୟ କର୍ମକର୍ତ୍ତାମାନେ ଭୋଟ ବର୍ଜନ କରିବେ ବୋଲି ଖୋଲା ଚେତାବନୀ ଦେଇଛନ୍ତି। ପୂର୍ବରୁ ନିହାର ରଞ୍ଜନ ମହାନନ୍ଦଙ୍କୁ କିଛି ଆଶାୟୀ ପ୍ରାର୍ଥୀ ସାମ୍ବାଦିକ ସମ୍ମିଳନୀ କରି ବିରୋଧ କରିଥିଲେ।

# ପାର୍କିଂସ୍ଥାନ ଅନ୍ୟ କାର୍ଯ୍ୟରେ ବ୍ୟବହାର ହେଲେ ଅନୁଷ୍ଠାନ ସିଲ୍

ସମ୍ବଲପୁର, ୧୮।୪(ସମିସ)

ପାର୍କିଂ ଓ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ସମ୍ବଲପୁର ମହାନଗର ନିଗମ (ଏସଏମସି) ବଡ଼ ନିଷ୍ପତ୍ତି ନେଇଛି। ପାର୍କିଂ ସ୍ଥଳକୁ କେହି ଅନ୍ୟ କାର୍ଯ୍ୟରେ ବ୍ୟବହାର କରିପାରିବେ ନାହିଁ। କୋଠା ହେଉ କି ଆପାର୍ଟମେଣ୍ଟ, ଅଥବା ବ୍ୟବସାୟିକ ପ୍ରତିଷ୍ଠାନ ସମସ୍ତେ ଗାଡି ପାର୍କିଂ ପାଇଁ ଜାଗା ବାହାର କରିବେ। ଅନୁମୋଦିତ ପ୍ଲାନକୁ ଖିଲାପ କରି

## ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଏସ୍ଏମ୍ସିର କଡ଼ା ପଦକ୍ଷେପ

କୋଠା ନିର୍ମାଣ ହୋଇଥିଲେ ମହାନଗର ନିଗମ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିଲାଗି ଏସ୍ଏମ୍ସି ବେଦ ଭୂଷଣ ଏକ ନିର୍ଦ୍ଦେଶନାମା ଆଜି ଜାରି କରିଛନ୍ତି। ସହରରେ ଏକାଧିକ ସପିଂ ମଲ, ଅପାର୍ଟମେଣ୍ଟ ଆଦି ମନଇଚ୍ଛା ରାସ୍ତାକୁ ଲଗାଇ ଗାଡି ପାର୍କିଂ କରୁଛନ୍ତି ଯାହାଫଳରେ ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ଫଳରେ ଲୋକମାନେ ହଇରାଣ ହେଉଛନ୍ତି। ପାର୍କିଂ ସମସ୍ୟା ଏସଏମସି ପାଖକୁ ସବୁଦିନ ଅଭିଯୋଗ ହେଉଛି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଏହାକୁ ନେଇ ମହାନଗର ନିଗମ ଓଡିଏ ଆକ୍ଟ ୧୯୮୨ ଧାରା ୯୨(ଖ) ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରିଛି। ନିର୍ଦ୍ଦେଶ ପାଳନ ନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ। ଏଥିରେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ପ୍ରତିଷ୍ଠାନ ଉପରେ ଫାଇନ ଅଥବା ଥାନାରେ ମାମଲା ରୁଜୁ ହୋଇପାରେ ବୋଲି ନିର୍ଦ୍ଦେଶ ନାମା କରିଛନ୍ତି। ଏହା ସହ ଏକ ଅଡିଓ ବାର୍ତ୍ତା ମଧ୍ୟ କମିସନର ବେଦଭୂଷଣ ଦେଇଛନ୍ତି। ସେ କହିଛନ୍ତି ଯେ, ସମ୍ବଲପୁର ସହରରେ ଅନେକ ବ୍ୟବସାୟିକ ଅନୁଷ୍ଠାନ ରହିଛି। ଏସବୁ ଅନୁମତି ଦେବା ସମୟରେ ଆବଶ୍ୟକ ପାର୍କିଂ ବ୍ୟବସ୍ଥା କରିବାକୁ ସର୍ତ୍ତ ରହିଥାଏ। ଅନୁଷ୍ଠାନ ଗୁଡିକ ପାର୍କିଂ ନିର୍ମାଣ କରିଛନ୍ତି। ହେଲେ ପାର୍କିଂ ଭାବେ ବ୍ୟବହାର କରୁ ନାହାନ୍ତି। ଅନ୍ୟକାମରେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ବ୍ୟବସାୟିକ ଅନୁଷ୍ଠାନ ସମ୍ମୁଖରେ ଯାନବାହନ ପାର୍କିଂ ହେଉଛି। ଫଳରେ ରାସ୍ତାରେ ଯାତାୟତ କରୁଥିବା ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିସ ସମସ୍ୟା ନିତିଦିନ ଉପୁଜୁଛି। ସାଧାରଣ ଲୋକଙ୍କ ଯେଭଳି ସମସ୍ୟା ନ ହେବ ସେଥିପ୍ରତି ଏସଏମସି ଏହି ପଦକ୍ଷେପ ଗ୍ରହଣ କରିଛି। ବ୍ୟବସାୟିକ ଅନୁଷ୍ଠାନରେ ପାର୍କିଂଥିବା ସ୍ଥାନରେ ଗୋଦାମ ଗୃହ, ଅଫିସ କିମ୍ବା ଅନ୍ୟ କାମରେ ବ୍ୟବହାର ହେଉଥିବା ତାହାହେଲେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ। ଗୋଦାମରେ ଥିବ ସମାଗ୍ରୀ ଜବତ କରାଯିବ ସହ ଅନୁଷ୍ଠାନକୁ ସିଲ କରି ଦିଆଯିବ। ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ନିୟମ ଅନୁସାରେ ୩୦ରୁ ୪୦ ପ୍ରତିଶତ ଜମିରେ ପାର୍କିଂ କରିବାକୁ ନିର୍ଦ୍ଦେଶ ରହିଥାଏ। ଯଦି ସମସ୍ତ ଅନୁଷ୍ଠାନର ସହଯୋଗ ରହିବ ତାହା ହେଲେ ସହରରେ ଥିବା ପାର୍କିଂ ସମସ୍ୟା ନିଶ୍ଚିତ ଦୂର ହେବ ବୋଲି ସେ କହିଛନ୍ତି।



# ଭିସୁଟ୍ ଆଲୁମିନି ଆଇଆଇଟି ଧାନବାଦ ନିର୍ଦ୍ଦେଶକ

**ବୁର୍ଲା, ୧୮।୪(ସମିସ):** ଭିସୁଟର ପୂର୍ବତନ ଛାତ୍ର ତଥା ବୋର୍ଡ ମେମ୍ବର ପ୍ରଫେସର ସୁକୁମାର ମିଶ୍ରଙ୍କୁ ଆଇଆଇଟି ଧାନବାଦର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଆଇଆଇଟି ଦିଲ୍ଲୀରେ ଇଲେକ୍ଟ୍ରିକାଲ ଇଂଜିନିୟରିଂ ବିଭାଗରେ ପ୍ରଫେସର ଥିବା ସୁକୁମାର ମିଶ୍ରଙ୍କ ନିଯୁକ୍ତି ପରେ ଭିସୁଟରେ ଖୁସିର ଲହରୀ ଖେଳିଯାଇଛି। ପ୍ରଫେସର ମିଶ୍ର ଇଲେକ୍ଟ୍ରିକାଲ ଇଂଜିନିୟରିଂରେ ରାଉରକେଲା ଏନଆଇଟିରୁ ଏମଟେକ ଓ ୨୦୦୦ ମସିହାରେ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି। ପ୍ରଫେସର ମିଶ୍ର ଓଡ଼ିଶା ବିଜ୍ଞାନ ପକ୍ଷରୁ ଯୁବ ବୈଜ୍ଞାନିକ ପୁରସ୍କାର(୧୯୯୯) ଭଳି ଅନେକ ପୁରସ୍କାର ପାଇଛନ୍ତି। ଯୁବ ବୈଜ୍ଞାନିକଙ୍କ ପାଇଁ ଏକାଡେମୀ, ଆଇଏନଏସଏ ପଦକ (୨୦୦୨), ଆଇଏନ୍ଏଇ ଯୁବ ଯନ୍ତ୍ରୀ ପୁରସ୍କାର (୨୦୦୨), ଆଇଏନଏଇ ରୌପ୍ୟ ଜୟନ୍ତୀ ଯୁବ ଯନ୍ତ୍ରୀ ପୁରସ୍କାର (୨୦୧୨), ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର (୨୦୧୬), ବିମଳ ବୋଷ ପୁରସ୍କାର (୨୦୧୯) ଏବଂ ଏନଏଏସଆଇ-ରିଲାଏନ୍ସ ପ୍ଲାଟିନମ୍ ଜୁବିଲି ପୁରସ୍କାର (୨୦୧୯), ଜାତୀୟ "ମିଶନ ଇନୋଭେସନ ଚାମ୍ପିୟନଶିପ୍ ପୁରସ୍କାର (୨୦୧୯), ଆଇଏନଏଇ ଉତ୍କୃଷ୍ଟ ଶିକ୍ଷକ ପୁରସ୍କାର (୨୦୨୧), ଇନୋଭେସନ ଲିଡରସିପ୍ ଆୱାର୍ଡ (୨୦୨୩) ଏବଂ ପ୍ରଫେସର କେଏଲ ଚୋପ୍ରା ପ୍ରୟୋଗ ଗବେଷଣା ପୁରସ୍କାର (୨୦୨୩)। ତାଙ୍କୁ ଆଇଏନଏଇ-ଏସଇଆରବି ଡିଏସ୍ଟି ଅବଦୁଲ କଲାମ ଟେକ୍ନୋଲୋଜି ଭଳି ଫେଲୋସିପ୍ ପ୍ରଦାନ କରାଯାଇଛି। ପ୍ରଫେସର ମିଶ୍ର ଏପର୍ଯ୍ୟନ୍ତ ଅନେକ ପୁସ୍ତକ ରଚନା କରିଛନ୍ତି ୧୦୦ ରୁ ଅଧିକ ଆଇଇଇଇ ଟ୍ରାଞ୍ଜାକସନ ବା ଜର୍ଣ୍ଣାଲ, ୩୨ ଆଇଇଟି ଜର୍ଣ୍ଣାଲ ଏବଂ ୩୨ ଅନ୍ୟାନ୍ୟ ଅନ୍ତର୍ଜାତୀୟ ପତ୍ରିକା ରଚନା କରିଛନ୍ତି। ତାଙ୍କ ଅଧିନରେ ଅନେକ ଛାତ୍ର ପିଏଚଡି ଡିଗ୍ରୀ ହାସଲ କରିଛନ୍ତି



# ଡିଏଭି ସମ୍ବଲପୁର ଉଦ୍‌ଘାଟିତ

**ସମ୍ବଲପୁର, ୧୮।୪(ସମିସ):** ପବିତ୍ର ଶ୍ରୀରାମନବମୀ ଅବସରରେ ଧନୁପାଲି, କଟକରୋଡ଼ଠାରେ ଏକ ଡିଏଭି ଶିକ୍ଷାନୁଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘଦିନରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାଲାଭର ଯେଉଁ ଅଭିଳାଷ ରହିଥିଲା, ତାହା ଏବେ ଚରିତାର୍ଥ ହୋଇଛି। ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ତଥା ଓଡ଼ିଶାରେ ଡିଏଭି ଆନ୍ଦୋଳନକୁ ଜନାଭିମୁଖୀ କରାଇବାର ପ୍ରମୁଖ ନେତୃତ୍ୱ ନେଇଥିବା ଡ. କେସି ଶତପଥୀଙ୍କ ନିରବଚ୍ଛିନ୍ନ ଉଦ୍ୟମରେ ଏହା ସମ୍ଭବ ହୋଇପାରିଛି। ବିଦ୍ୟାଳୟର ଶୁଭ ଉଦ୍‌ଘାଟନ ଉପଲକ୍ଷେ ବୈଦିକ ମନ୍ତ୍ରପାଠ ସହ ପବିତ୍ର ଯଜ୍ଞାନୁଷ୍ଠାନ ଜରିଆରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଡିଏଭି ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ, ଡିଏଭି ବୁର୍ଲାର ଅଧ୍ୟକ୍ଷା ରଶ୍ମି ମିଶ୍ର, ଡିଏଭି ଝାରସୁଗୁଡ଼ାର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅନ୍ୟ ଡିଏଭି ଅନୁଷ୍ଠାନର ଅଧ୍ୟକ୍ଷଅଧ୍ୟକ୍ଷା, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକଗଣ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହିବା ସହ ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଡିଏଭି ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ୍ ଆଇଆଇଏମ୍, ସମ୍ବଲପୁର ନିକଟରେ ନିର୍ମାଣ କରାଯିବା ସହ ଏହାକୁ ଏକ ମଡେଲ ସ୍କୁଲରେ ପରିଣତ କରାଯିବ ବୋଲି ଆଞ୍ଚଳିକ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏହି ଉଦ୍‌ଘାଟନ ପରେ ରାଜ୍ୟରେ ଡିଏଭି ଶିକ୍ଷାନୁଷ୍ଠାନ ସଂଖ୍ୟା ୫୯ରେ ପହଞ୍ଚିଛି। ଅନ୍ୟାନ୍ୟ ଡିଏଭି ପ୍ରତିଷ୍ଠାନ ପରି ଏହି ନୂତନ ବିଦ୍ୟାଳୟ ଶୈକ୍ଷିକ ଓ ସହଶୈକ୍ଷିକ କ୍ଷେତ୍ରରେ ଅନନ୍ୟ ଉଦାହରଣ ସାଜି ଆଦର୍ଶ ନାଗରିକ ସୃଷ୍ଟିକରିବା ସହ ବିଶ୍ୱଭାତୃତ୍ୱ ଓ ବୈଦିକ ମହିମା ପ୍ରଚାର କରିବ ବୋଲି ସ୍ଥାନୀୟ ଜନସାଧାରଣ ଖୁସି ଜାହିର କରି ଆଶାବ୍ୟକ୍ତ କରିଛନ୍ତି।



# ଦୁଇଟି କନ୍ୟାଦାନ ପାଇଁ ସାମଗ୍ରୀ ଯୋଗାଇଲେ ସମାଜସେବୀ



**ସମ୍ବଲପୁର, ୧୮।୪(ସମିସ):** ସମ୍ବଲପୁର ମହାନଗର ଅନ୍ତର୍ଗତ ୨ଟି ଗରୀବ ଝିଅଙ୍କ କନ୍ୟାଦାନ ପାଇଁ ବିଭିନ୍ନ ସାମଗ୍ରୀ ଯୋଗାଇ ସହଯୋଗର ହାତ ବଢ଼ାଇଲେ ସମାଜସେବୀ ହରଦୀପ ସିଂହ ଭୂର୍ଜୀ। ତାଙ୍କୁ ଆଜି ଘରୋଇ ଆବଶ୍ୟକୀୟ ସାମଗ୍ରୀ ଯଥା ମିକ୍ସଚର ଗ୍ରାଇଣ୍ଡର, ପ୍ରେସର କୁକର, ହଟ କେସ ସେଟ, ଇସ୍ତ୍ରୀ, ଷ୍ଟିଲ ବାସନକୁସନ, ଟି ସେଟ, ଡିନର ସେଟ, ଡ୍ରେସ କପଡ଼ା, ଗିଜର, ଲେଡିସ ଘଡି, କମ୍ବଳ ଇତ୍ୟାଦି ବହୁ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ବସନ୍ତ ମିଶ୍ର, ସବିନୟ ପୂଜାରୀ, ବରିଷ୍ଠ ବିଜେଡି ନେତା ସତ୍ୟେନ୍ଦ୍ର ଦାସ, ହରିହର ପାଣି, ପ୍ରଶାନ୍ତ ନାୟକ, ଦୁଲାଲ ଚନ୍ଦ୍ର ରାୟ, ହରେକୃଷ୍ଣ ସରାଫ, ଅଶୋକ ମିଶ୍ର, ଲିଲିମା ମଲ୍ଲିକ, ମୁନି ବେଗମ, ସୁରେଖା ସାହୁ, ସସ୍ମିତା ଦୀପ, ମାମି ଆଇନ, ଡଲୀ ସାହୁ ଉପସ୍ଥିତ ରହି ଝିଅଙ୍କୁ ଆଶୀର୍ବାଦ ଦେଇ ଶୁଭକାମନା ଜଣାଇଥିଲେ।

# ଦାଦାବଟି ଅଭିଯୋଗ

**ସମ୍ବଲପୁର, ୧୮।୪(ସମିସ):** ଟାଉନ ଥାନା ଅନ୍ତର୍ଗତ ମୁଦିପଡ଼ାର ସିମି କାଣ୍ଡକୁ ଦାଦାବଟି ମାଗୁଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସିମି ଏକ ଦାନ୍ତ କ୍ଲିନିକରେ କାମ କରୁଥିବା ବେଳେ ମୁଦିପଡ଼ାର ସ୍ୱାଗତ ପଣ୍ଡା ସେଠାକୁ ଯାଇ ୪୦ ହଜାର ଟଙ୍କା ଦାଦା ବଟି ମାଗିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଯଦି ନ ଦେଲେ ଜୀବନରୁ ମାରି ଦେବା ନେଇ ଧମକ ଦେଇଛି। ଏନେଇ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ସହରରେ ପୁଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ



**ସମ୍ବଲପୁର, ୧୮।୪(ସମିସ):** କ୍ଷେତରାଜପୁର ଥାନା ଅଞ୍ଚଳରେ ଅପରାଧୀକ କାର୍ଯ୍ୟକଳାପ ଦିନକୁଦିନ ବଢ଼ିବାରେ ଲାଗିଛି। ଗତ ୫ଦିନ ଭିତରେ ଥାନା ଅଞ୍ଚଳରେ ଚୋରି, ଲୁଟ୍ ଅତିମାତ୍ରାରେ ବଢ଼ିଯାଇଛି। ଏହାକୁ ନଜରରେ ରଖି ଆଜି କ୍ଷେତରାଜପୁର ପୁଲିସ ଫ୍ଲାଗ୍‌ମାର୍ଚ୍ଚ କରିଛି। କ୍ଷେତରାଜପୁର ଥାନାରୁ ପୁଲିସ ଟିମ ବାହାରି ଶ୍ୟାମ ମନ୍ଦିର, ଚନ୍ଦନନଗର, ସାଲଭଟାପଡ଼ା, ତିୱାରୀ ଗଳି, ଉଗ୍ରେସନ ଛକ, ଏସବିଆଇ ଛକ, ବଡବଜାର, ସମଲେଇ ମନ୍ଦିର ଦେଇ ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରିଛନ୍ତି। ଥାନାର ଏସଆଇ ଟିଏଲ ନେଗିଙ୍କ ନେତୃତ୍ୱରେ ଅବୁଦଲ ପଟେଲ, କନେଷ୍ଟବଲ ପ୍ରଦୀପ ଖମାରୀ, ବସନ୍ତ ସାହୁ, କୃଷ୍ଣ ସ୍ୱାଇଁ ପ୍ରମୁଖ ଫ୍ଲାଗ ମାର୍ଚ୍ଚରେ ଅଂଶ ଗ୍ରହଣ କରିଥିଲେ।

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

**ସମ୍ବଲପୁର, ୧୮।୪(ସମିସ):** ବରେଇପାଲି ଥାନା ଅନ୍ତର୍ଗତ ଜିତେନ୍ଦ୍ର ସିନ୍ଧିରିଆଙ୍କ ଘରୁ ୨ଲକ୍ଷ ଅଧିକ ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗୋଟିଏ ସୁନା ହାର, ଗୋଟିଏ ଚେନ, ମଙ୍ଗଳସୁତ୍ର, ୨ସେଟ୍ କାନଫୁଲ, ୨ଟି ମୁଦି ଏବଂ ୨ଟି ରୂପାର ଚେନ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହାସହ ଆଲମାରିରୁ ନଗଦ ୫୦ହଜାରରୁ ଅଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଜିତେନ୍ଦ୍ର ଘର ଆଲମାରିରେ ସମସ୍ତ ସାମଗ୍ରୀ ରଖି ନିଜ ଗ୍ରାମକୁ ଯାଇଥିଲେ। ହେଲେ ୧୬ ତାରିଖ କେହି ଚୋରି କରିଥିବା ନେଇ ଉଲ୍ଲେଖ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଆଲୁମିନିୟମ ପିଣ୍ଡି ସହ ଟ୍ରକ୍ ଜବତ



**ସମ୍ବଲପୁର, ୧୮।୪(ସମିସ):** ସମ୍ବଲପୁର ସଦରଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଚୋରାଚାଲାଣ ହେଉଥିବା ଆଲୁମିନିୟମ ବୋଝେଇ ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭର ଓ ହେଲପରକୁ ଗିରଫ କରିଛି। ଟ୍ରକରୁ ଅଢ଼େଇ ଟନ ଆଲୁମିନିୟ ପିଣ୍ଡି ଓ କେବୁଲ ଜବତ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଉତ୍ତରପ୍ରଦେଶର ରେବତି ଥାନା ଅଞ୍ଚଳର ହରଦେବ ଚୈହାନ (୫୦) ଓ ସମ୍ବଲପୁର କ୍ଷେତରାପୁର ଥାନା କିସନନଗର ଦିଲିପ ରାୟ। ଅଭିଯୁକ୍ତ ଦିଲିପ ଘଟଣାରେ ମାଷ୍ଟରମାଇଣ୍ଡ ଓ ତାଙ୍କ ନାମରେ ପୂର୍ବରୁ ଆଲୁମିନିୟମ କେବୁଲ ଓ ତାର ଚୋରୀର ଏକାଧିକ ମାମଲା ରହିଛି। ସଦର ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ, ଏସଆଇ ଦିଲିପ କୁମାର ବେହେରା। ସଦଳବଳ ରାତିରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଟ୍ରକ ନମ୍ବର ଡବ୍ଲୁବି ୦୭ ଜେ-୦୩୧୮ ନମ୍ବରରେ ଆଲୁମିନିୟମ ଚୋରା ଚାଲାଣ ହେଉଥିବା ନେଇ ସୂଚନା ରହିଥିଲା। ପୁଲିସ ଟିମ ଟ୍ରକକୁ ଅଟକାଇ ଥିଲେ। ହେଲେ ଘଟଣା ସ୍ଥଳରୁ ୩ ଜଣ ଫେରାର ହୋଇଯାଇଥିଲେ।

## ୨ ଗିରଫ, ୩ ଫେରାର

# ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ

**ସମ୍ବଲପୁର, ୧୮।୪(ସମିସ):** ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ରେଳ ସଂଗ୍ରହାଳୟରେ ଉତ୍ସାହର ସହ ପାଳନ କରାଯାଇଛି। ଏହାସହ ସମୃଦ୍ଧ ରେଳ ଐତିହ୍ୟର ସଂରକ୍ଷଣ ଓ ସମ୍ମାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆମ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଆଲୋଚନା, କଳାତ୍ମକ ଅଭିବ୍ୟକ୍ତି ଓ ମିଳିତ ପ୍ରତିବଦ୍ଧତାର ମିଶ୍ରଣ ଦେଖିବାକୁ ମିଳିଥିଲା। ଅନୁଗୁଳ ସୁକିନ୍ଦା ରେଲୱେ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟଙ୍କ ଆକର୍ଷଣୀୟ ବକ୍ତବ୍ୟରେ ରେଳ ଐତିହ୍ୟ ଓ ଏହାର ସଂରକ୍ଷଣ ଉପରେ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ବେହେରା ତାଙ୍କ ଅଭିଭାଷଣରେ ରେଳଐତିହ୍ୟର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ କାର୍ଯ୍ୟକ୍ରମର ସାମୂହିକ ଭାବନାକୁ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ଆୟୋଜିତ କଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରା ଓ ପୂର୍ବତଟ ରେଳପଥ ମହିଳା ସଂଗଠନର ଅଧ୍ୟକ୍ଷା ଶର୍ମିଳା ବେହେରା ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତଟ ରେଳପଥ ଉପ ମହାପ୍ରବନ୍ଧକ କେକେ ଖଡଙ୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରେଳବାଇର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ସମ୍ବଲପୁର କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ମାଁ ସମଲେଶ୍ୱରୀ ଦର୍ଶନ

**ସମ୍ବଲପୁର, ୧୮।୪(ସମିସ):** ସମ୍ବଲପୁର ବିଧାନସଭା ଆସନ ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଦୁର୍ଗାପ୍ରସାଦ ପାଢ଼ୀ ଆଜି ମାଁ ସମଲେଶ୍ୱରୀ ମନ୍ଦିରକୁ ଯାଇ ମାଁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ତାଙ୍କ ପରିବାରବର୍ଗଙ୍କ ସହ ସମର୍ଥକମାନେ ଉପସ୍ଥିତ ଥିଲେ। ତେବେ ମାଁଙ୍କ ଦର୍ଶନ କରିବା ପରେ ସମ୍ବଲପୁର ବିଧାନସଭା ପାଇଁ ଦଳ ପ୍ରାର୍ଥୀ କରିଥିବାରୁ ଦଳର ହାଇକମାଣ୍ଡ ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଶ୍ରୀ ପାଢ଼ୀ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ମାଁଙ୍କ ଆଶୀର୍ବାଦ ଓ ସମ୍ବଲପୁରବାସୀଙ୍କ ଆଶୀର୍ବାଦ ନେଇ ସେ ନିର୍ବାଚନ ମଇଦାନକୁ ଓହ୍ଲାଇବେ। ସମ୍ବଲପୁର ବିଧାନସଭାକୁ ରାଜ୍ୟର ଏକ ବିକଶିତ ନିର୍ବାଚନମଣ୍ଡଳୀ କରିବାକୁ ତାଙ୍କର ଲକ୍ଷ୍ୟ ରହିଛି। ରାଜ୍ୟରେ କଂଗ୍ରେସର ସ୍ଥିତି ଭଲ ଥିବାବେଳେ ଲୋକଙ୍କ ଆସ୍ଥା ଓ ବିଶ୍ୱାସ କଂଗ୍ରେସ ଦଳ ଉପରେ ରହିଛି। ଏଥର ପରିବର୍ତ୍ତନ ନିଶ୍ଚିତ ଭାବରେ ଦେଖାଦେବ। ସମ୍ବଲପୁରରେ ଦଳ ବିଜୟୀ ହେବାସହ ରାଜ୍ୟରେ କଂଗ୍ରେସ ସରକାର ଗଠନ କରିବ। ସମ୍ବଲପୁରରେ ହେବି ୱେଟ୍ ପ୍ରାର୍ଥୀ ଥିବା ପ୍ରସଙ୍ଗରେ ନିର୍ବାଚନରେ କେହି ହେବି ୱେଟ୍ ନଥାନ୍ତି। ସମ୍ବଲପୁର ଜନତାଙ୍କ ବିଶ୍ୱାସ ତାଙ୍କ ସହ ଅଛି ବୋଲି ଦୁର୍ଗାପ୍ରସାଦ ପାଢ଼ୀ କହିଛନ୍ତି। କଂଗ୍ରେସର ନିଜର ଗ୍ୟାରେଣ୍ଟି କାର୍ଡକୁ ନେଇ ଲୋକଙ୍କ ପାଖକୁ ଯିବାସହ କେନ୍ଦ୍ର ସରକାରଙ୍କ ବିଫଳତାକୁ ମୁଖ୍ୟ ପ୍ରସଙ୍ଗ କରିବ। ବିଶେଷକରି ୨୪ବର୍ଷ ଶାସନରେ ବିଜେପି ସରକାର ଲୋକଙ୍କ ପାଇଁ କିଛି କରି ନଥିବା ପ୍ରସଙ୍ଗରେ ଲୋକଙ୍କ ପାଖକୁ କଂଗ୍ରେସ ଯାଇ ଅବଗତ କରାଇବ। ତେବେ ସମ୍ବଲପୁର ବିଧାନସଭାରେ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ସମର୍ଥନ ତାଙ୍କ ପଛରେ ଅଛି ବୋଲି ଦୁର୍ଗାପ୍ରସାଦ ପାଢ଼ୀ କହିଛନ୍ତି।



# ମୋବାଇଲ, କମ୍ପ୍ୟୁଟର ଚୋରି

**ସମ୍ବଲପୁର, ୧୮।୪(ସମିସ):** ଶାସନ ଥାନା କୁଦାମୁଣ୍ଡା ନିବାସୀ ହରିବଲ ନାୟକଙ୍କ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଘରେ ସମସ୍ତେ ଶୋଇଥିବାବେଳେ କେହି ଦୁର୍ବୃତ୍ତ ଘର ଭିତରେ ପଶି ଦୁଇଟି ମୋବାଇଲ, ଗୋଟେ କମ୍ପ୍ୟୁଟର ଓ କିବୋର୍ଡ ଚୋରି କରିଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଜାତୀୟ କବାଡ଼ି ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସମ୍ବଲପୁର, ୧୮।୪(ସମିସ):** ବଏଜ୍ ଏସୋସିଏସନ କୁଞ୍ଜେଲପଡ଼ା ତରଫରୁ ବ୍ରଜମୋହନ ପାର୍କ ଠାରେ ଜାତୀୟ କବାଡି ପ୍ରତିଯେରଗିତାରେ ଭାଗନେଇଥିବା ଖେଳାଳିମାନଙ୍କୁ ସ୍ୱାଗତ ସହ ସମ୍ବର୍ଦ୍ଧିତ କରାଯାଇଛି। ବିହାର ପାଟଣା ଠାରେ ଅନୁଷ୍ଠିତ ୩୩ତମ ଉପ କନିଷ୍ଠ ଜାତୀୟ କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ ଗ୍ରହଣ କରିଥିବା ଖେଳାଳି ଅମନ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାଣ୍ଡେ, ଶ୍ରାବଣୀ ମହାକୁର ଜ୍ୟୋତିର୍ମୟୀ ଭୋଇ, ସ୍ନେହା ଢଙ୍ଗଡ଼ା ମାଝୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାଯ୍ୟକ୍ରମରେ ମୁଖ୍ୟ ଅଥିତି ଭାବେ ପ୍ରଫେସର ଶଙ୍କର ପ୍ରସାଦ ପତି ଯୋଗ ଦେଇଥିଲେ। ପ୍ରଫେସର ପ୍ରେମ ରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ପାଦକ ଶୁଭ୍ରାଂଶୁ ପଣ୍ଡା ସଭା ପରିଚାଳନା କରିଥିଲେ। କିରଣ ସେଠ, ଚମାର ମଲ୍ଲିକ, ସୁନୀଲ ମିଶ୍ର, ପ୍ରଦୀପ ପ୍ରଧାନ, ଝରଣା ଡନସନା, ନିତ୍ୟାନନ୍ଦ ମହାନ୍ତି, ପ୍ରୟାସ ଡନସନା, ସତ୍ୟ ନାରାୟଣ ଠାକୁର, ଅମିତ କୁମାର ସ୍ୱାଇଁ, ପ୍ରଦୀପ ଗୁରୁ, ସନ୍ତୋଷ ଖୁଣ୍ଟିଆ, ବିଶ୍ୱଜିତ ପଟ୍ଟନାୟକ, ଉମାପତି ତ୍ରିପାଠୀ, ରାଜେଶ ସେଠ, ପ୍ରଶାନ୍ତ କାଲୋ, ଏବଂ କୋଚ ଶ୍ରୀକାନ୍ତ ବାରିକ ଓ ପ୍ରତୀକ ପ୍ରଧାନ ଏବଂ ଖେଳାଳୀ ତଥା ଅଭିଭାବକ ମାନେ ଉପସ୍ଥିତ ଥିଲେ।



# କ୍ଷେତରାଜପୁରରେ ଟାଣ ଖରାରେ କାମ କରୁଛନ୍ତି ଶ୍ରମିକ

ସମ୍ବଲପୁର,୧୮।୪(ସମିସ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଶ୍ରମିକମାନେ କାର୍ଯ୍ୟ ନ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ହେଲେ ବ୍ୟବସାୟିକ ପେଣ୍ଠସ୍ଥଳ କ୍ଷେତରାଜପୁର ଶ୍ରମିକ ମାନଙ୍କୁ ଶୋଷଣ କରାଯାଉଛି। ବଡ ବଡ ବ୍ୟବସାୟୀମାନେ ରାଜ୍ୟ ସରକାରଙ୍କ ସମସ୍ତ ନିର୍ଦ୍ଦେଶନାମାକୁ

## ବ୍ୟବସାୟୀମାନେ ବାଧ କରୁଥିବା ଅଭିଯୋଗ

ବେଖାତିର କରୁଥିବା ଦେଖାଦେଇଛି। କିଛି ଟଙ୍କା ରୋଜଗାର କରିବା ପାଇଁ ଶ୍ରମିକ ମାନଙ୍କ ଜୀବନ ବିପଦକୁ ଠେଲି ଦେଉଛନ୍ତି। ନିୟମିତ କାମ କରୁଛନ୍ତି ତେଣୁ ଶ୍ରମିକ ମାନେ ମାଳିକଙ୍କୁ ପ୍ରତିବାଦ କରି ପାରୁ ନାହାନ୍ତି। ଚୁପ ହୋଇ କାମ କରୁଛନ୍ତି। ଶ୍ରମିକମାନଙ୍କୁ ଟାଣ ଖରାରେ କାମରେ ନିୟୋଜିତ କରୁଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି। କିଛି ଦିନର ବ୍ୟବଧାନ ପରେ ପୁଣି ଫେରିଲା ଗ୍ରୀଷ୍ମର ପ୍ରକୋପ। ପ୍ରଚଣ୍ଡ ତାତି ସହ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିଛି। ଆଜି ସମ୍ବଲପୁରରେ ସହରରେ ୪୧.୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ଖରାର ପ୍ରକୋପ ଏମିତି ରହିଛି ଯେ, ସକାଳ ୧୦ ଟା ହେଲେ ପଦାକୁ ବାହାରିବା କଷ୍ଟକର ହୋଇପଡୁଥିଲା। ଘରୁ ବାହାରିଲେ ଦେହ ଜଳିବା ଭଳି ଅନୁଭୂତ ହେଉଛି। ଦ୍ୱିପ୍ରହର ବେଳକୁ ସହର ଏକ ପ୍ରକାର ଶୂନଶାନ ହୋଇଯାଉଛି। ସମ୍ବଲପୁରରେ ଗ୍ରୀଷ୍ମର ପ୍ରକୋପ ୧୧ଟାରୁ ମଧ୍ୟାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ପ୍ରକାର କାମ ବାହାରେ ନ କରିବାକୁ ଏସ୍ଏମସି ଜିଲ୍ଲା ପ୍ରଶାନସକୁ ଚିଠି କରିଛନ୍ତି। ପ୍ରବଳ ଗୁଳୁଗୁଳି ସାଙ୍ଗକୁ ଗଣ ଖରାରେ ଯା'ଆସ କରିବା କଷ୍ଟକର ହୋଇପଡୁଛି। ଏପଟେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ପରେ ସହରର ବ୍ୟବସାୟ ଉପରେ ପ୍ରଭାବ ପଡ଼ିଛି। ଖରା ପାଇଁ ସରକାରୀ କାର୍ଯ୍ୟାଳୟ ସକାଳୁଆ ହୋଇ ସାରିଛି। ଏଥି ସହ ଜିଲ୍ଲାର ସ୍କୁଲ ବନ୍ଦ ଥିବା ବେଳେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ବନ୍ଦ ଘୋଷଣା ହୋଇଛି।



## ଜିଲ୍ଲାପାଳଙ୍କ କୋଇଲାଖଣି ପରିଦର୍ଶନ

**ବ୍ରଜରାଜନଗର, ୧୮ ।୪(ସମିସ):** ଝାରସୁଗୁଡା ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ବିଭିନ୍ନ କୋଇଲା ଖଣି ପରିଦର୍ଶନ କରିଛନ୍ତି। ସେ କୋଇଲା ଖଣିରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ। ଏହାସହ ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ବୁଥ୍‌ର ଆନୁସଙ୍ଗିକ ବ୍ୟବସ୍ଥା ତଦାରଖ କରିଛନ୍ତି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଶ୍ରମିକମାନଙ୍କୁ କାର୍ଯ୍ୟ କରାଇବାକୁ କୋଇଲା ଖଣି କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନ ହେଲେ ଖଣି କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଉପସ୍ଥିତ ଖଣି ଅଧିକାରୀଙ୍କୁ ସଫା ସଫା ଶୁଣାଇଥିଲେ।



# ଏମ୍‌ସିଏଲ୍ ପ୍ରଦୂଷଣ ନେଇ ତଦାରଖ

**ଝାରସୁଗୁଡ଼ା, ୧୮ ।୪(ସମିସ)**

ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରର ବିଓସିଏମ ଛକ ନିକଟସ୍ଥ ସରଣ୍ଡାମାଳ ପଞ୍ଚାୟତ ଅଞ୍ଚଳର କାର୍ଯ୍ୟକ୍ଷମ ହୋଇଥିବା ଆର୍ଥ ମିନେରାଲ କୋଲ ୱାସେରୀ(ଇଏମ୍‌ସିଏଲ୍) ପ୍ରଦୂଷଣକୁ ନେଇ ବିଗତ ଦିନରେ ବାରମ୍ବାର ଅଭିଯୋଗର ସ୍ୱର ମୁଣ୍ଡ ଟେକିଛି। ଏକ ବର୍ଷ ମଧ୍ୟରେ ତିନି ତିନି ଥର ଅଭିଯୋଗ ହୋଇ ସାରିଛି। ଏଥର ପରିବେଶବିତ୍ ସତ୍ୟ ନାରାୟଣ ରାଓ ଏହି କୋଲ ୱାସେରୀର ପ୍ରଦୂଷଣକୁ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ଗ୍ରହଣ କରିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା,



ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଶାଖା ଝାରସୁଗୁଡା ଜିଲ୍ଲାର ଆରଓ ହିରଣ୍ୟ ନାଏକ, ଉପ ପରିବେଶୀୟ ବୈଜ୍ଞାନିକ ଅନୁଶା ଏକା ପ୍ରମୁଖ ତଦନ୍ତ କରିଛନ୍ତି। ତଦନ୍ତ ଅବସରରେ ଅଭିଯୋଗକାରୀ ଶ୍ରୀ ରାଓ ମଧ୍ୟ ଉପସ୍ଥିତ ଥିଲେ। ୱାସେରୀ ପରିସର ବୁଲି ଦେଖି ସାରିବା ପରେ ସମୀକ୍ଷା ବୈଠକ ହୋଇଥିଲା। ଅଭିଯୋଗକାରୀଙ୍କ ପକ୍ଷରୁ ଉପସ୍ଥାପିତ ଅନେକ ପ୍ରସଙ୍ଗ ଉପରେ ସ୍ଥାନୀୟ ୱାସେରୀର ବରିଷ୍ଠ ଅଧିକାରୀ ଦେଇଥିବା ଉତ୍ତର ସନ୍ତୋଷଜନକ ହୋଇ ନ ଥିଲା। ଏମିତିକି କେତେକ ପ୍ରସଙ୍ଗ ଉପରେ କମ୍ପାନୀ କର୍ତ୍ତୃପକ୍ଷ ଅବଗତ ନ ଥିବା ଜଣାପଡ଼ିଥିଲା। ଏହାକୁ ନେଇ ଅଭିଯୋଗକାରୀ ଅସନ୍ତୋଷ ପ୍ରକାଶ କରିବା ସହ ଉଚ୍ଚସ୍ତରୀୟ ତଦନ୍ତର ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଉପଜିଲ୍ଲାପାଳ ଶ୍ରୀ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ପ୍ରଶାସନ ଓ ପ୍ରଦୂଷଣ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ କରାଯାଇଛି। ପ୍ରଦୂଷଣ ବିଭାଗର ରିପୋର୍ଟ ମାଗିଛି। ରିପୋର୍ଟ ଆସିଲେ ଗତ ଥରର ତଦନ୍ତ ରିପୋର୍ଟ ଆଧାରରେ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ଟଙ୍କଧରଙ୍କୁ ପ୍ରବଳ ବିରୋଧ

**ଝାରସୁଗୁଡ଼ା, ୧୮ ।୪(ସମିସ):** ଝାରସୁଗୁଡା ପୁରୁଣା ବସଷ୍ଟାଣ୍ଡରେ ଥିବା ଗାନ୍ଧୀ ମୂର୍ତ୍ତି ସମ୍ମୁଖରେ ସ୍ଥାନୀୟ ଜନସାଧାରଣ ବିଜେପି ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ବିରୋଧ କରି ଧାରଣା ଦେଇଥିଲେ। ଏଥର ନିର୍ବାଚନରେ ଝାରସୁଗୁଡା ବିଧାନସଭା କ୍ଷେତ୍ରର ବିଜେପି ପ୍ରାର୍ଥୀ ଭାବେ ଦଳ ଟଙ୍କଧରଙ୍କୁ ଭରସା କରିଛି। ତେବେ ଟଙ୍କଧର ପଡୋଶୀ ସୁନ୍ଦରଗଡ଼ର ହୋଇଥିବାରୁ ତାଙ୍କୁ ସ୍ଥାନୀୟ ଜନସାଧାରଣ ବିରୋଧ କରୁଥିବା ଚିତ୍ର ସମ୍ନାକୁ ଆସିଛି। ଝାରସୁଗୁଡ଼ାରେ ବିଜେପି ସ୍ଥାନୀୟ ନେତାଙ୍କୁ ଉପେକ୍ଷା କରି ଜିଲ୍ଲା ବାହାର ସୁନ୍ଦରଗଡ଼ରୁ ନେତା ଆମଦାନୀ କରି ଥଇଥାନ କରୁଥିବାରୁ ସ୍ଥାନୀୟ ଲୋକ ଏହାକୁ ବିରୋଧ କରିଛନ୍ତି।

### ଝାରସୁଗୁଡ଼ା କୋର୍ଟରେ ମିଳୁନି ଟଙ୍କିକିଆ, ଦୁଇଟଙ୍କିଆ କୋର୍ଟ ଫି'

# କୋର୍ଟ ଫି' ଓ ଷ୍ଟାମ୍ପ୍ ପେପର ଯୋଗାଇବାକୁ ଓକିଲ ସଂଘର ଦାବି

**ଝାରସୁଗୁଡ଼ା, ୧୮।୪ (ସମିସ):** ଝାରସୁଗୁଡ଼ା କୋର୍ଟରେ ମିଳୁନି ଦରକାରୀ କୋର୍ଟ ଫି ଓ ଷ୍ଟାମ୍ପ ପେପର। ଏନେଇ ଝାରସୁଗୁଡ଼ା ଓକିଲ ସଂଘ ପକ୍ଷରୁ



କ୍ଷୋଭ ପ୍ରକାଶ ପାଇଛି। ଝାରସୁଗୁଡ଼ା କୋର୍ଟରେ ବିଗତ ଦୁଇ ମାସ ଧରି ଟଙ୍କିକିଆ ଓ ଦୁଇ ଟଙ୍କିଆ କୋର୍ଟ ଫି' ମିଳୁ ନାହିଁ। ଏଥିସହ ପାଞ୍ଚଟଙ୍କିଆ ଓ ଦଶଟଙ୍କିଆ ଷ୍ଟାମ୍ପ ପେପର ନ ମିଳିବାରୁ ସାର୍ଟିଫାଏଡ୍ କପି, ଆଫିଡେଭିଟ୍ ଆଦି କରିବାରେ ସମସ୍ୟା ହେଉଛି। ଉଭୟ ଓକିଲ ଏବଂ ମହକିଲ ଏହି ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛନ୍ତି। ଲୋକେ ସାମାନ୍ୟ କାର୍ଯ୍ୟ ପାଇଁ ଆସି କୋର୍ଟ ଫି' ଓ ଷ୍ଟାମ୍ପ ପେପର୍ ନ ମିଳିବା କାରଣରୁ ନିରାଶ ହୋଇ ଫେରୁଛନ୍ତି। ବାରମ୍ବାର ଦାବି ପରେ ବି ଏହି ସମସ୍ୟାର ସମାଧାନ ଦିଗରେ ଜିଲ୍ଲାପାଳ ପଦକ୍ଷେପ ନେଇ ନାହାଁନ୍ତି ବୋଲି ଅନେକ ଆଇନଜୀବୀ ଅଭିଯୋଗ କରିଛନ୍ତି। ଓକିଲ ସଂଘ ମଧ୍ୟ ଏଭଳି ଅବସ୍ଥାର ପ୍ରତିକାର ଲାଗି ପଦକ୍ଷେପ ନିଆ ନ ଯିବାରୁ କ୍ଷୋଭ ପ୍ରକାଶ କରିଛି। ବହୁ ସମୟରେ କୋର୍ଟ ଫି' ଏବଂ ଷ୍ଟାମ୍ପ ପେପର ନ ମିଳିବା କାରଣରୁ ମହକିଲ ମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଯେଉଁଠି ଦଶ ଟଙ୍କାର ଷ୍ଟାମ୍ପ ପେପରରେ କାମ ହେବା କଥା ସେଠାରେ ଶହେ ଟଙ୍କିଆ ଷ୍ଟାମ୍ପ ପେପର ବ୍ୟବହାର ହେଉଛି। ପ୍ରଚଣ୍ଡ ରୌଦ୍ରତାପରେ ଆସୁଥିବା ଲୋକେ କୋର୍ଟରେ କୋର୍ଟ ଫି' ଓ ଷ୍ଟାମ୍ପ ପେପର ନ ମିଳିବାରୁ କାମ ହାସଲ କରିପାରୁ ନାହାଁନ୍ତି। ଫଳରେ ଘରକୁ ଫେରିବା ସାର ହେଉଛି। ଜିଲ୍ଲାପାଳ ତୁରନ୍ତ ଏହି ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନେବାକୁ ଓକିଲ ସଂଘ ଦାବି କରିଛି। ସଂଘ ସଭାପତି ରାଧାକାନ୍ତ ସା, ଉପ ସଭାପତି ଶୈଳେଶ କିଙ୍ଗ ଶୁଭନିଲ, ସମ୍ପାଦକ ମନୀଷ ବାଜପେୟୀ, ବନ୍ଦନା ମୁନ୍ଦଡ଼ା, ବିନୟ ଭୂଷଣ ବହିଦାର, ବିକାଶ ପଣ୍ଡା, ବସନ୍ତ ସାହୁ, ସଞ୍ଜିତ ରାୟ, ପ୍ରଶାନ୍ତ ଦୀକ୍ଷିତ, କୁମ ମହାପାତ୍ର ପ୍ରମୁଖ ଗଣମାଧ୍ୟମ ଆଗରେ ସେମାନଙ୍କର ଦାବି ଉପସ୍ଥାପନ କରି ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

## ଫ୍ଲାଇଂସ୍କ୍ୱାଡ୍ ଗାଡ଼ି ଧକ୍କାରେ ବାଇକ୍ ଚାଳକ ଗୁରୁତର

**ଝାରସୁଗୁଡ଼ା, ୧୮ ।୪ (ସମିସ):** ଲମଟିବାହାଲରେ ଏକ ନିର୍ବାଚନ ଫ୍ଲାଇଂ ସ୍କ୍ୱାଡ୍ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଫ୍ଲାଇଂ ସ୍କ୍ୱାଡ୍ ଗାଡ଼ି ଯାଉଥିବାବେଳେ ସମ୍ନାକୁ ବାଇକ୍ ଆରୋହୀ ସୁରେନ୍ଦ୍ର ରାଏ ପଶି ଆସିବାରୁ ଦୁଃର୍ଘଟଣାଗ୍ରସ୍ତ ହୋଇଥିଲେ। ଅତିରିକ୍ତ ତହସିଲଦାର ସଞ୍ଜୀବ ଷଡ଼ଙ୍ଗୀ ତାଙ୍କୁ ମଣ୍ଡଳିଆସ୍ଥିତ ସେଣ୍ଟ୍ରାଲ ହସପିଟାଲରେ ଭର୍ତ୍ତି କରିଛନ୍ତି।



## ରେଳଧାରଣାରୁ ଯୁବକଙ୍କ ମୁଣ୍ଡବିହୀନ ଗଣ୍ଡି ଉଦ୍ଧାର

**ଝାରସୁଗୁଡ଼ା/ବ୍ରଜରାଜନଗର, ୧୮ ।୪(ସମିସ):** ବେଲପାହାଡ଼ ରେଳଷ୍ଟେସନ୍ ନିକଟରେ ଏକ ମୁଣ୍ଡ ବିହୀନ



ଗଣ୍ଡି ରେଳବାଇ ପୁଲିସ ଉଦ୍ଧାର କରିଛି। ମୃତକ ଜଣକ ଲଖନପୁର ଥାନା ଅନ୍ତର୍ଗତ ତେଜରାମ କାଲୋଙ୍କ ମଝିଆ ପୁଅ ଅଜୟ କାଲୋ (୨୬) ବୋଲି ଜଣାପଡ଼ିଛି। ତେବେ ଅଜୟ କୌଣସି ଟ୍ରେନରୁ ଖସି ମୃତ୍ୟୁବରଣ କରିଛି ନା ଟ୍ରେନ ସାମ୍ନାରେ ଆତ୍ମହତ୍ୟା କରିଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଏ ନେଇ ରେଳବାଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତକ ଅଜୟଙ୍କ ମୁଣ୍ଡ ନ ଥିବା ଗଣ୍ଡିକୁ ରେଳବାଇ ପୁଲିସ ଜବତ କରିଥିବା ବେଳେ ମୃତକର ପ୍ୟାଣ୍ଟ ପକେଟରୁ ଆଧାର କାର୍ଡ଼ ମିଳିବାରୁ ତାଙ୍କ ପରିଚୟ ମିଳିପାରିଥିଲା।

## ପ୍ରତି ସୋମବାର ସରକାରୀ କର୍ମଚାରୀ ପିନ୍ଧିବେ ସମ୍ବଲପୁରୀ ପୋଷାକ

**ଦେବଗଡ଼, ୧୮ ।୪(ସମିସ):** ଦେବଗଡ଼ ଜିଲ୍ଲାର ସରକାରୀ କର୍ମଚାରୀ ପ୍ରତ୍ୟେକ ସୋମବାର ସମ୍ବଲପୁରୀ ପୋଷାକ ପିନ୍ଧିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ବିଭାଗର ଅଧିକାରୀଙ୍କୁ ଚିଠି ଜାରି କରିଛନ୍ତି।

## ଦୁଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା

**ଝାରସୁଗୁଡ଼ା, ୧୮।୪(ସମିସ):** ୪୯ ନମ୍ବର ଜାତୀୟ ରାଜପଥ ପିପିଲିମାଲ ଗ୍ରୀନ ଢ଼ାବା ନିକଟରେ ଦୁଇଟି କୋଇଲା ବୋଝେଇ ଟ୍ରକ ମୁହାଁ ମୁହିଁ ଧକ୍କାହେବାରୁ ଜଣେ ଚାଳକ ଆହତ ହୋଇଛନ୍ତି। ସୂଚନା ଅନୁସାରେ ଗୁରୁବାର ମଧ୍ୟାହ୍ନରେ ଉଭୟ ପାର୍ଶ୍ୱରୁ ଆସୁଥିବା ଦୁଇଟି କୋଇଲା ଟ୍ରକ ମୁହାଁ ମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବେଲପାହାଡ଼ ପୁଲିସ ପହଞ୍ଚି ଆହତଙ୍କୁ ୧୦୮ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଛି। କ୍ରମାଗତ ଭାବରେ ବେପରୁଆ ଗାଡ଼ିଚାଳନା ଦ୍ୱାରା ଏହି ରାସ୍ତାରେ ଦୁର୍ଘଟଣା ବଢ଼ିବାରେ ଲାଗିଛି।



## ଟେମ୍ପୋ-ଟ୍ରକ୍ ଧକ୍କା, ୫ ଆହତ

**ଝାରସୁଗୁଡ଼ା, ୧୮।୪(ସମିସ):** ଝାରସୁଗୁଡ଼ା ସୁଲଦିଆପଡ଼ା ଠାରେ ଗୁରୁବାର ସକାଳେ ଏକ ଟେମ୍ପୋ ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସୂଚନା ଅନୁସାରେ ତାଳପଟିଆରେ ହେଉଥିବା କୀର୍ତ୍ତନ ପାଇଁ ୫ ଜଣ ଯାତ୍ରୀଙ୍କୁ ନେଇ ଏକ ଅଟୋ ଯାଉଥିବା ସମୟରେ ସୁଲଦିଆ ପଡ଼ାଠାରେ ଦ୍ରୁତ ଗତିରେ ଆସି ଡ଼ିଭାଇଡରରେ ପିଟି ହୋଇ ରାସ୍ତାର ଅପର ପାର୍ଶ୍ୱକୁ ଚାଲି ଯାଇଥିଲା। ଫଳରେ ଅନ୍ୟପଟୁ ଆସୁଥିବା ଏକ ଟ୍ରକ ସାମ୍ନାପଟୁ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ବସିଥିବା ୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସଦର ପୁଲିସ ପହଞ୍ଚି ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

## ମାଁ ଶ୍ୟାମାକାଳୀ ମନ୍ଦିରରେ ବାସନ୍ତୀକ ନବଦିନାତ୍ମକ ପୂଜା ସମ୍ପନ୍ନ

**ବରଗଡ଼, ୧୮ ।୪ (ସମିସ):** ବରଗଡ଼ ସ୍ଥିତ ଶ୍ରୀ ଶ୍ରୀ ମାଁ ଶ୍ୟାମାକାଳୀ ମନ୍ଦିରରେ ଅନୁଷ୍ଠିତ ହେଉଥିବା ବାସନ୍ତିକ ନବଦିନାତ୍ମକ ପୂଜା ଗୁରୁବାର ରାତ୍ରରେ ସମ୍ପନ୍ନ ହୋଇଛି। ପ୍ରତ୍ୟହ ମାଁଙ୍କ ବିହିତ ପୂଜା ସହିତ ସୂର୍ଯ୍ୟପୂଜା, ଘଟ ପୂଜା, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜା, ଦଶଦିଗପାଳ ପୂଜା, ବସୁଧାରା, ବର୍ଦ୍ଧନୀ ପୂଜା, ନବପତ୍ରିକା ପୂଜା, ପାର୍ଶ୍ୱଦେବତା ପୂଜା, ବାବା ଶ୍ୟାମେଶ୍ୱରଙ୍କ ଠାରେ ରଦ୍ରାଭିଷେକ, ପ୍ରଭୁ ଜଗନ୍ନାଥଙ୍କ ଠାରେ ଜଗନ୍ନାଥଅଷ୍ଟକ୍ମ, ହନୁମାନ ମନ୍ଦିରରେ ହନୁମାନ ଚାଲିଷା ପଠନ ହୋଇ ଚଣ୍ଡିଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅମାବାସ୍ୟା ଠାରୁ ନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ପୂଜା ମହୋତ୍ସବରେ



ଶତାଧିକ ଭକ୍ତ ମା'ଙ୍କ ଦର୍ଶନ କରି ପ୍ରସାଦ ସେବନ କରିଥିଲେ। ମାଁ ଶ୍ୟାମାକାଳୀ ମନ୍ଦିରରେ ଶ୍ରୀରାମଙ୍କ କ୍ଷୀରାଭିଷେକ, ରାମସ୍ତୋତ୍ର ପଠନ, ସାମୁହିକ ହନୁମାନ ଚାଲିଷା ପଠନ କରାଯାଇ ହୋମ ଆରତ୍ରି, ପୁଷ୍ପାଞ୍ଜଳି କରାହୋଇଥିଲା। କାନ୍ତା ପ୍ରସାଦ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ନରସିଂହ ଶତପଥୀ, ସଞ୍ଜୟ ଦାଶ, ଅନନ୍ତ ଶତପଥୀ, ଆନନ୍ଦ ଷଡଙ୍ଗୀ, ହରିରାମ ପଣ୍ଡା, ସୁମନ୍ତ ଷଡଙ୍ଗୀ ପ୍ରମୁଖ ମଣ୍ଡିତ ମାନେ ପୂଜାର୍ଚ୍ଚନା କରିଥିବା ବେଳେ ବିଭିନ୍ନ ଦିବସରେ ବନି ଦାଶ, ଗିରିଧାରୀ ସାବତ, ଦୀପକ ଦାଶ, ଅଶୋକ ଦାଶ, ଦେବେନ ପଣ୍ଡା, ହରେକୃଷ୍ଣ ଦେବତା, ଟିଙ୍କୁ ଦାଶ, ପରମାନନ୍ଦ ମିଶ୍ର ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

## ୬୬ତମ ଅଖଣ୍ଡ ୨୪ପ୍ରହରୀ ନାମଯଜ୍ଞ ଆରମ୍ଭ

**ଝାରସୁଗୁଡ଼ା, ୧୮।୪(ସମିସ):** ଲଖନପୁର ବ୍ଲକ ଅନ୍ତର୍ଗତ ସାଗରପାଲି ଗ୍ରାମରେ ଗୁରୁବାର ଅଖଣ୍ଡ ୨୪ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଛି। ବୁଧବାର ସନ୍ଧ୍ୟାରେ କଳସ ଯାତ୍ରା ସହ ଅଧିବାସ କରାଯାଇ ଗୁରୁବାର ସକାଳ ୯ ଟାରୁ ସମ୍ପୂର୍ଣ ରୀତିନୀତିରେ ହରେ କୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମରାମ ହରେ ହରେ ମହାମନ୍ତ୍ର ଜପ ଆରମ୍ଭ ହୋଇଛି। ଆସନ୍ତା ୩ ଦିନ ୨୪ ପ୍ରହର ଯାଏ ଗ୍ରାମବାସୀ ଏବଂ ନିମନ୍ତ୍ରିତ କୀର୍ତ୍ତନମଣ୍ଡଳୀ ମହାମନ୍ତ୍ର ଜପ କରିବେ। ରବିବାର ସକଳ ୧୧ଟାରେ ନାମ ସମାପନ ହେବ। ନିମନ୍ତ୍ରିତ ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟରେ ଭଇଁରଖୋଲ, ଠେବରା, ସିଂହାରପୁର, ବାଘମୁଣ୍ଡା ବନପାଲି, ତୁଡୁଗା, କଦମଡ଼ିହି, ପରସିଆଁ, ନାଏକପଡ଼ା, ଝରାପଡ଼ା, ସମରବଗା, ଜମଗାଁ, ବେଲପାହାଡ ଜୁନାଡ଼ିହି, ଗଡ଼ଗଡ଼ବାହାଲ ଆଦି ସଂକୀର୍ତ୍ତନ ମଣ୍ଡଳୀ ଅଛନ୍ତି। ଏହି ନାମଯଜ୍ଞରେ କର୍ତ୍ତା ଭାବରେ ସପତ୍ନୀକ ଶିବୁ ପ୍ରଧାନ, ପଦ୍ମିନୀ ପ୍ରଧାନ, ପୂଜକ ଭାବରେ ଶିବ ନାରାୟଣ ନାୟକ ଦାୟିତ୍ୱ ତୁଲାଇଥିବା ବେଳେ ଯାଦବ ସେଟ, ଭବାନୀ ପାତ୍ର, ଜନ୍ମେଜୟ କାଲୋ, ସମାରୁ ମୁଣ୍ଡା, କୁଳମଣି ବଣିଆ, ଧନୁର୍ଜୟ ବଣିଆ ଷଡବୈଷ୍ଣବ ହୋଇଛନ୍ତି। ଜୀବ ଜଗତର କଲ୍ୟାଣ କାମନା କରି ଶାନ୍ତି, ମୈତ୍ରୀ, ସଦଭାବନାର ବାର୍ତ୍ତା ଦେଇ ପ୍ରତିବର୍ଷ ସାଗରପାଲି ଗ୍ରାମବାସୀବୃନ୍ଦ ଶ୍ରୀରାମ ନବମୀ ତିଥିରେ ଅଖଣ୍ଡ ୨୪ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ କରନ୍ତି।

## ମନାବନ୍ଧ ପଡ଼ା ନାମଯଜ୍ଞ ସମ୍ପନ୍ନ

**ବରଗଡ଼, ୧୮ ।୪ (ସମିସ) :** ବରଗଡ଼ ୱାର୍ଡ ନମ୍ବର ୩ ଅନ୍ତର୍ଗତ ତ୍ରିନାଥ ମନ୍ଦିର ମନାବନ୍ଧପଡ଼ା ଠାରେ ଅନୁଷ୍ଠିତ ନାମଯଜ୍ଞ ଗୁରୁବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ସ୍ଥାନୀୟ କାଉନସିଲର ରାଜୁ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୂର୍ଣ୍ଣାହୁତି ରେ ସାମିଲ ହୋଇ ଭଗବାନ ଙ୍କ ଆଶୀର୍ବାଦ କାମନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ନନ୍ଦ ମଲ୍ଲିକ, ପପୁ କର, ବିଜୟ ପାଣିଗ୍ରାହୀ, ଅଶୋକ ମଲ୍ଲିକ, ନନ୍ଦୀ ବେହେରା, ସତ୍ୟ ଆଚାର୍ଯ୍ୟ ସୁଶୀଲ ଷଣ୍ଢ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳ ର ସଙ୍କୀର୍ତ୍ତନ ଦଳ ଯୋଗ ଦେଇ ନାମ ସଙ୍କୀର୍ତ୍ତନ କରିଥିଲେ।

## ସାରସପାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭେଡେନ, ୧୮ ।୪ (ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ସାରସପାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଯାଜ୍ଞସିନୀ କଠାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସଂକ୍ରିଡା ଗ୍ରାମପଞ୍ଚାୟତର ସରପଞ୍ଚ ଜୟନ୍ତୀ ସେଠ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ସ୍କୁଲ ଚ୍ୟାରମେନ ନବୀନ କୁମାର ପୁରୋହିତ ଯୋଗଦାନ କରିଥିଲେ। ପୂର୍ବତନ ଛାତ୍ର ଦେବାନନ୍ଦ ଭୁଏ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଅଚ୍ୟୁତା ମଲ୍ଲିକ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିନାରାଣୀ ଭୋଇ, ବିରେନ୍ଦ୍ର ପଧାନ, ଗଣେଶ ପୁରୋହିତ, ସସ୍ମିତା ମଲ୍ଲିକ, ସସ୍ମିତା ପୁରୋହିତ, ରିମା ସିକିଲି, ବନିତା ଭୁଏ ଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ।

## ହୀରାକୁଦ ଜଳଭଣ୍ଡାରରୁ ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

**ଝାରସୁଗୁଡ଼ା, ୧୮ ।୪(ସମିସ):** ହୀରାକୁଦ ଜଳଭଣ୍ଡାରରୁ ଜଣେ ଅଜଣା ଯୁବକଙ୍କ ଗଳିତ ଶବ ଉଦ୍ଧାର କରାଯାଇଛି। ପୁଲିସ ଶବ ପଞ୍ଚନାମା କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏ ନେଇ ବନହରପାଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତଦନ୍ତ ଜାରି ଥିବା ଥାନା ଅଧିକାରୀ ରଞ୍ଜିତ ନାଏକ ପ୍ରକାଶ କରିଛନ୍ତି।

ବନହରପାଲି ଥାନା ସହରାଇପଡ଼ା ନିକଟସ୍ଥ ହୀରାକୁଦ ଜଳଭଣ୍ଡାର ଉପକୂଳବର୍ତ୍ତୀ ନିକଟରେ ଜଣେ ଯୁବକଙ୍କ ଗଳିତ ଶବ ଭାସୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ ଦେଖିଥିଲେ। ଏ ନେଇ ତେଲେନପାଲି ସରପଞ୍ଚ ଆକାଶ ସାହୁ ଏବଂ ଲଖନପୁର ବ୍ଲକ ଉପାଧ୍ୟକ୍ଷ ଅରୁଣ ପ୍ରଧାନଙ୍କୁ ଜଣାଇଥିଲେ। ଖବର ପାଇ ବନହରପାଲି ଥାନା ଅଧିକାରୀ ରଞ୍ଜିତ ନାଏକ, କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ଦଳାଇ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ଓ ବନହରପାଲି ଅଗ୍ନିଶମ ବିଭାଗ ସହ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ।

## ଅବସରପ୍ରାପ୍ତ ପୌର କର୍ମଚାରୀଙ୍କ ଅନଶନ ଚେତାବନୀ

**ଦେବଗଡ଼, ୧୮ ।୪(ସମିସ):** ପୌର କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ସପ୍ତମ ବେତନ କମିଶନର ବକେୟା ଦେୟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ବିଭିନ୍ନ ସମୟରେ ସେମାନଙ୍କ ଦେୟ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି; କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଏଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶପାଇଛି। ସେମାନଙ୍କୁ ବକେୟା ଦେୟ ପ୍ରଦାନ କରା ନ ଗଲେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଅବସରପ୍ରାପ୍ତ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ପୌର କାର୍ଯ୍ୟାଳୟର ୬ ଜଣ କର୍ମଚାରୀ ଇତିମଧ୍ୟରେ ଅବସର ଗ୍ରହଣ କରିସାରିଛନ୍ତି। ସେମାନଙ୍କୁ ୨୦୧୬ ଜାନୁଆରୀରୁ ୨୦୨୨ ଜୁନ ପର୍ଯ୍ୟନ୍ତ ସପ୍ତମ ବେତନ କମିଶନର ବକେୟା ଦେୟ ପ୍ରଦାନ କରାଯାଇନାହିଁ। ଏ ନେଇ ସେମାନେ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି।

# ଶତ ପ୍ରତିଶତ ମତଦାନ ପାଇଁ ସଚେତନତା

**ଦେବଗଡ଼, ୧୮ ।୪(ସମିସ)**

ଆସନ୍ତା ସାଧାରଣ ନିର୍ବାଚନକୁ ଅଧିକ ଶୃଙ୍ଖଳିତ ଓ ଜନସାଧାରଣଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମତଦାନ ହାର ବଢ଼ାଇବାକୁ ପ୍ରୟାସ ହୋଇଛି। ଗୁରୁବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପୌରପରିଷଦର ୧୧ଟି ୱାର୍ଡର ୧୭ଟି ବୁଥ୍‌ରେ ବିଏଲଓ ଏବଂ ସୁପରଭାଇଜରଙ୍କ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଗତ ନିର୍ବାଚନରେ ମତଦାନ ହାରରେ ପଛୁଆ ରହିଥିବା ୱାର୍ଡଗୁଡିକରେ ମତଦାନ ହାର ବଢ଼ାଇବାକୁ ଗୁରୁତ୍ୱାରୋପ କରାଯାଇଛି। ଏଥର ନିର୍ବାଚନରେ ମତହାର ବଢ଼ାଇବାକୁ ବିଏଲଓମାନଙ୍କୁ ଆଗୁଆ ଫର୍ମ ନଂ ୬ ଓ ୮ ରେ ନାମ ପଞ୍ଜୀକରଣ କରିବା ପାଇଁ ଓ ପ୍ରତି ୱାର୍ଡରେ ମେ ୨୫



ତାରିଖରେ ଭୋଟ ଦେବା ନିମନ୍ତେ ଜନ ସଚେତନା ସୃଷ୍ଟି କରିବା ପାଇଁ ପରାମର୍ଶ ଦିଆଯାଇଛି। ଏହି ସଚେତନତା ବୈଠକରେ ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲ୍ଲା ନିଯୋଜନ ଅଧିକାରୀ ବିଜୟ ଉପାଧ୍ୟାୟ, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ସମସ୍ତ ବିଏଲଓ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାମନବମୀ

**ବ୍ରଜରାଜନଗର, ୧୮ ।୪(ସମିସ):** ବ୍ରଜରାଜନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ରାଙ୍କନ ଓ କୌତୁକ ବେଶ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଘୋଷବାହିନୀ ଦ୍ୱାରା ନଗର ଭ୍ରମଣ ହୋଇଥିଲା। ଭାନୁପ୍ରତାପ ସିଂ, ବିଦ୍ୟାଳୟ ସଭାପତି ଗୋବିନ୍ଦ ସିଂ, ସମ୍ପାଦକ ସାହେବ ରାଓ, ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

### ବନୀକରଣରେ ଅନିୟମିତତା

# ତଦନ୍ତ ପରେ ବି କାର୍ଯ୍ୟାନୁଷ୍ଠାନ ଶୁନ; ପରୋକ୍ଷରେ ଅଧିକାରୀଙ୍କୁ ସୁରକ୍ଷା

**ବଲାଙ୍ଗିର, ୧୮।୪(ସମିସ)**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ସାଲେଭଟା ସେକ୍ସନ ବଙ୍ଗାବାହାଲ ଠାରେ ବନୀକରଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଜଙ୍ଗଲ ସୁରକ୍ଷା ସମିତି ଏନେଇ ଅଭିଯୋଗ ଆଣିବା ପରେ ବିଭାଗୀୟ ତଦନ୍ତ ମଧ୍ୟ ଆରମ୍ଭ ହୋଇଥିଲା। ବନୀକରଣ ପ୍ରକଳ୍ପ ଅଟକଳ ମୁତାବକ ଚାରାରୋପଣ କରାଯାଇନଥିବା ଏକ ପ୍ରକାର ସ୍ପଷ୍ଟ ହୋଇଥିବା ବେଳେ ବିଭାଗୀୟ ଫରେଷ୍ଟର ଓ କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଜନା ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଛି। ବଙ୍ଗାବାହାଲରେ ହୋଇଥିବା ବନୀକରଣ ପ୍ରକଳ୍ପରେ ଅଟକଳ ମୁତାବକ ଚାରାରୋପଣ ହୋଇନଥିବା ବେଳେ ଏହାକୁ ଲୁଚାଇବାକୁ ପ୍ରଚଣ୍ଡ ଖରାରେ ବନୀକରଣ କରାଯାଉଥିବା ଅଭିଯୋଗ ହୋଇଛି। ଲୋଇସିଂହା ଫରେଷ୍ଟ ରେଞ୍ଜ ସାଲେଭଟା ଫରେଷ୍ଟ ସେକ୍ସନ ଅଧୀନସ୍ଥ ବଙ୍ଗାବାହାଲରେ ବନୀକରଣ କରିବା ପାଇଁ ବନ ବିଭାଗ ନିଷ୍ପତ୍ତି ନେଇଥିଲା। ଏହିକ୍ରମରେ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ୧୦ ହେକ୍ଟର ଜମିରେ ପ୍ରାୟ ୧୬ ହଜାର ଚାରାରୋପଣ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। କିନ୍ତୁ ବନ ବିଭାଗର ଅଧିକାରୀମାନେ ଏଥିରେ ବ୍ୟାପକ ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଛି। ଅଟକଳ ଅନୁସାରେ ୧୬ ହଜାର ଗଛ ଲଗାଯିବା ପରିବର୍ତ୍ତେ ପ୍ରାୟ ୧୧ ରୁ ୧୨ ହଜାର ଚାରାରୋପଣ କରାଯାଇଥିବା ବେଳେ ବାକିତକ ଚାରାକୁ ନଷ୍ଟ କରିଦିଆଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ଗଛରେ ଠିକ ଭାବେ ପାଣି ଦିଆଯାଇନଥିବାରୁ ବହୁ ସଂଖ୍ୟାରେ ଚାରା ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ତେବେ ବନୀକରଣର ତିନି ବର୍ଷ ପରେ ଏନେଇ ଅଭିଯୋଗ ହେବା ପରେ ସ୍ଥାନୀୟ ବନ ବିଭାଗ ପକ୍ଷରୁ ପ୍ରଚଣ୍ଡ ଖରାରେ ପୁଣି ବନୀକରଣ କରାଯାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ବନ ସୁରକ୍ଷା ସମିତି ପ୍ରଶ୍ନ ଉଠାଇବା ସହ ଅଭିଯୋଗ ପରେ ଡିଏଫଓ ସୁଦର୍ଶନ ବେହେରା ନିଜେ ବନୀକରଣ ପ୍ରକଳ୍ପ ପରିଦର୍ଶନ କରିବା ସହ ତଦନ୍ତ କରିଥିଲେ। ତଦନ୍ତ କରିବା ଘଟଣାକୁ ବହୁ ଦିନ ବିତିଯାଇଥିବା ବେଳେ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡ଼ିଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ବନୀକରଣ ପ୍ରକଳ୍ପରେ କମ ଚାରା ଲଗାଯାଇଥିବା ଅଭିଯୋଗରେ ସତ୍ୟତା ରହିଛି। ତେବେ କାହିଁକି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇରହିଛି। ଏନେଇ ସମ୍ପୃକ୍ତ ସେକ୍ସନ ଫରେଷ୍ଟର ଇନ୍ଦ୍ରମଣି ବେହେରାଙ୍କୁ ପଚାରିବାରୁ ସେ ଗତ ପ୍ରାୟ ମାସେ ହେଲା ଦାୟିତ୍ୱ ନେଇଛନ୍ତି। କିଛି ପରିମାଣର ଗଛ ନଷ୍ଟ ହୋଇଥିଲା ଯାହାକୁ ପୁଣି ଥରେ ଚାରାରୋପଣ କରାଯାଇଛି। ପାଖରେ ନଳକୂଅ ଥିବାରୁ ଖରାରେ ହେଲେ ମଧ୍ୟ ଚାରାରୋପଣ କରାଯାଇପାରିବ। ଅପରପକ୍ଷେ ଡିଏଫଓ ସୁଦର୍ଶନ ବେହେରାଙ୍କୁ ଏନେଇ ପଚାରିବାରୁ ସେ ନିଜେ ଯାଇ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଗଛ କିଛି ପରିମାଣର ନଷ୍ଟ ହୋଇଥାଇପାରେ ସେଠାରେ ଆମେ ପୁଣିଥରେ ବନୀକରଣ କରିବୁ। କାର୍ଯ୍ୟାନୁଷ୍ଠାନ ବିଷୟରେ ପଚାରିବାରୁ ସେ କାହା ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଓଲଟି ପ୍ରଶ୍ନ କରିଥିଲେ। ଯେଉଁମାନେ ଅଭିଯୋଗ ଆଣିଛନ୍ତି ସେମାନେ କୌଣସି ଲିଖିତ ଭାବେ ବୟାନ ଦେବାକୁ ଅମଙ୍ଗ ହେଉଛନ୍ତି ତେବେ ସେ କାହା ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହି ପ୍ରଶ୍ନକୁ ଏଡ଼ାଇ ଦେଇଥିଲେ। ଏହା ଉପରେ ବିଭାଗୀୟ ବରିଷ୍ଠ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା କେତେ ଠିକ ତାହା ତଦନ୍ତ ସାପେକ୍ଷ।



**ଲୋଇସିଂହା ଫରେଷ୍ଟ ରେଞ୍ଜ ବଙ୍ଗାବାହାଲ ବନୀକରଣ ପ୍ରକଳ୍ପ**

**ପ୍ରଚଣ୍ଡ ଖରାରେ ଚାଲିଛି ଚାରାରୋପଣ**

# କଣ୍ଟାବାଞ୍ଜିରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ



**କଣ୍ଟାବାଞ୍ଜି, ୧୮।୪(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଘୋଷଣା ହେବା ପରେ ଉତ୍ସାହ ମୁଖର କଣ୍ଟାବାଞ୍ଜି ଅଞ୍ଚଳ। ଗୁରୁବାର ସ୍ଥାନୀୟ ଆଲିସାନ ହୋଟେଲ ଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଣ୍ଟାବାଞ୍ଜି ସ୍ୱାଗତ ନାରା ଦେଇ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାଁ, ଯୁବ ବିଜେଡି ନେତା ଅମଜତ ଖାଁ, ସାଂସଦ ପ୍ରତିନିଧି ଶେଖ ଅନବର, ମନୋଜ ଚଣ୍ଡି, ହରିବନ୍ଧୁ ମେହେର ଓ ମନୋଜ ସାହୁ ସମେତ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନାରାୟଣପ୍ରସାଦରେ ମାଓବାଦୀ ବ୍ୟାନର

**ଘଣ୍ଟାପଡ଼ା, ୧୮।୪(ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ଅଧୀନ ନାରାୟଣପ୍ରସାଦ ଗାଁର ପୋଖରୀ ପାଖରେ ଏକ ମାଓବାଦୀଙ୍କ ବ୍ୟାନର ମିଳିଛି। ନକ୍ସଲ ସଂଗଠନ କେକେବିଏନ୍ ପକ୍ଷରୁ ଏହା ପକାଇଥିବା ବ୍ୟାନରରେ ଉଲ୍ଲେଖ ରହିଛି। ବ୍ୟାନରରେ ନାରାୟଣପ୍ରସାଦ ଗ୍ରାମର ବିନୋଦ ସାହୁଙ୍କୁ ଟଙ୍କା ଦେବାକୁ ଦାବି କରାଯାଇଛି। ୨୦ ତାରିଖ ମଧ୍ୟରେ ୨୦ ଲକ୍ଷ ଦେବା ପାଇଁ ଉଲ୍ଲେଖ ରହିଛି। ତେବେ ପ୍ରକୃତରେ ଏହା ମାଓବାଦୀଙ୍କ ଦ୍ୱାରା କରାଯାଇଛି ନାଁ କୌଣସି ଖଳ ପ୍ରକୃତିର ବ୍ୟକ୍ତିଙ୍କ ଦ୍ୱାରା ତାହା ମଧ୍ୟ ପୁଲିସକୁ ସନ୍ଦେହରେ ପକାଇଛି। ଏ ନେଇ ଘଣ୍ଟାପଡ଼ା ଥାନା ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରିଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ ଚାଲିଛି ବୋଲି କହିଛନ୍ତି।



## ପିଡିଏସ୍ ଚାଉଳକୁ କେନ୍ଦ୍ର କରି ଭୁଜାଲିରେ ଆକ୍ରମଣ

**ମନମୁଣ୍ଡା, ୧୮।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଥାନା ବିଲାସପୁର ପଞ୍ଚାୟତରେ ପିଡିଏସ୍ ଚାଉଳକୁ କେନ୍ଦ୍ର କରି ୨ ଜଣଙ୍କୁ ଭୁଜାଲିରେ ଆକ୍ରମଣ ହୋଇଛି। ପରାଧୀନ ମହାକୁଡ଼ ଏବଂ ପାଣ୍ଡିରିପଡ଼ା ଗ୍ରାମର ସୁଶୀଲ ପରିଡ଼ା ଆକ୍ରମଣର ଶିକାର ହୋଇଛନ୍ତି। ଖଇରହଣା ଗ୍ରାମର ଅନିଲ ମେଣ୍ଡିଲୀ ଏବଂ ମାର୍ଡୋଲ ଗ୍ରାମର ମିଟୁ କର୍ମୀ ଆକ୍ରମଣ କରିଛନ୍ତି।

ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦.୩୦ରେ ଅନିଲ ପଞ୍ଚାୟତକୁ ଚାଉଳ ନେବାକୁ ଆସିଥିଲା। ତାକୁ ଆଗ ଚାଉଳ ଦେବାକୁ କହିଥିଲା। ସେଠାରେ ଉପସ୍ଥିତ ପରାଧୀନ ବିରୋଧ କରିବାରୁ ଅନୀଲ ଗାଳିଗୁଲଜ କରି ଗଣ୍ଡଗୋଳ କରିଥିଲା। ତେବେ ଅନ୍ୟ ହିତାଧିକାରୀମାନଙ୍କ ଅନୁରୋଧ କ୍ରମେ ତାକୁ ତୁରନ୍ତ ଚାଉଳ ଦିଆଯାଇଥିଲା। କିଛି ସମୟ ପରେ ଅନିଲ ମାର୍ଡୋଲର ମିଟୁ ସହ ଭୁଜାଲି ଧରି ପହଞ୍ଚିଥିଲା। ଉଭୟ ଚାଉଳ ଓ ଅନ୍ୟ ଜିନିଷ ଫିଙ୍ଗା ଫୋପଡ଼ା କରିଥିଲେ। ଏହାପରେ ମିଟୁ ଏବଂ ଅନିଲ ଭୁଜାଲିରେ ପରାଧୀନକୁ ଆକ୍ରମଣ କରିଥିଲେ। ସେହିଭଳି ସେଠାରେ ଉପସ୍ଥିତ ପାଣ୍ଡିରିପଡ଼ାର ସୁଶୀଲଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଉଭୟ ଭୁଜାଲିରେ ଆକ୍ରମଣ କରିଥିଲେ। ଏ ନେଇ ପରାଧୀନ ଥାନାରେ ଅଭିଯୋଗ କଲାପରେ ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ମହୁଲି ମଦ ଜବତ; ଜଣେ ଗିରଫ

**ଖପ୍ରାଖୋଲ, ୧୮।୪(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଭାନପୁର ପଞ୍ଚାୟତର ତୁର୍ଲା ଗାଁ ନିକଟରୁ ବେଆଇନ୍ ଦେଶୀ ମହୁଲି ମଦ ବିକିବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତୁର୍ଲା ଗାଁର ସଦାନନ୍ଦ ବରିହା (୫୦) ବୋଲି ପୁଲିସ୍ ସୂଚନା ଦେଇଛି। ସୂଚନାନୁଯାୟୀ, ବୁଧବାର ରାତିରେ ପୁଲିସ ପାଟ୍ରୋଲିଂ ସମୟରେ ତୂର୍ଲା ଗାଁରାସ୍ତା କଡ଼ରେ ବେଆଇନ ମହୁଲି ମଦ ବିକ୍ରି କରୁଥିବା ବେଳେ ଗିରଫ କରିବା ସହ ୧୩ ଲିଟର ୫ଶହ ମିଲି ଲିଟର ମଦ ଜବତ କରିଥିବା ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଓଡ଼ିଶା ଅବକାରୀ ଆଇନ୨୦୦୮ ଧାରା ୫୨ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି।

# ରାଜନୈତିକ ସମ୍ପୃକ୍ତି ଅଭିଯୋଗରେ ଶିକ୍ଷକ ନିଲମ୍ବିତ

**କଣ୍ଟାମାଳ/ଶଗଡ଼ା/ମନମୁଣ୍ଡା, ୧୮।୪ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନମଣ୍ଡଳୀ ଅଧୀନ ଦପଲା ପଞ୍ଚାୟତ ବଉଲସିଂହା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରୋହିତାଶ୍ୱ ମଲ୍ଲିକ ରାଜନୈତିକ ସମ୍ପୃକ୍ତି ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଜେ ସୋନାଲଙ୍କ ନିର୍ଦ୍ଦେଶରେ ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛି।



ଗତ ୧୫ ତାରିଖ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଚୟନ ପାଇଁ କନ୍ଧମାଳ କଂଗ୍ରେସ ସାଂସଦ ପ୍ରାର୍ଥୀ ଅମରଚାନ୍ଦ ନାଏକ କଣ୍ଟାମାଳ ଆସିଥିଲେ। ଏହି ଅବସରରେ କଣ୍ଟାମାଳ ଗିରିଗୋବର୍ଦ୍ଧନ ପୀଠରେ କଂଗ୍ରେସ କର୍ମୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏହି ବୈଠକରେ ଶିକ୍ଷକ ଶ୍ରୀ ମଲ୍ଲିକ ଉପସ୍ଥିତ ଥିବା ନେଇ ଅଭିଯୋଗ ହୋଇଥିଲା। ଆହୁରି ମଧ୍ୟ ସେ ନିଜେ କଂଗ୍ରେସ ବିଧାୟକ ପ୍ରାର୍ଥୀ ହେବାକୁ ଚାହୁଁଥିବା ଆଲୋଚନା ହେଉଥିଲା। ୧୮ ତାରିଖରେ ଏ ସମ୍ପର୍କୀତ ଖବର ପ୍ରକାଶିତ ହେବାପରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ, ସପ୍ତାହେ ପୂର୍ବରୁ ରାଜନୈତିକ ସମ୍ପୃକ୍ତି ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀ ନିଲମ୍ବିତ ହୋଇଥିବା ବେଳେ ଆଉ ଜଣେ ଶିକ୍ଷକଙ୍କୁ ବୌଦ୍ଧ ନିର୍ବାଚନ ମଣ୍ଡଳୀକୁ ବଦଳି କରାଯାଇଛି।

# ଗୋଚର ଜମି ଜବରଦଖଲ ମୁକ୍ତ କରିବାକୁ ଦାବି



**ତରଭା, ୧୮।୪(ସମିସ):** ତରଭା ବ୍ଲକ ଶିବତୁଳା ପଞ୍ଚାୟତର ଆଡ଼କଟା ଗ୍ରାମରେ ଗୋଚର ଜମି ଜବରଦଖଲ ହୋଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗୁରୁବାର ତରଭା ତହସିଲ ଓ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ଦେଇଛନ୍ତି। ରମ୍ଭାସିଣ୍ଡୋଲ ଗ୍ରାମ ନିକଟସ୍ଥ ଆଡ଼କଟା ମୌଜାରେ ଥିବା ପ୍ରାୟ ୫ ଏକର ଗୋଚର ଜମିକୁ ଜୋର ଜବରଦସ୍ତି ଦଖଲ କରାଯାଉଥିବା ଗ୍ରାମବାସୀ ଅନେକ ଥର ଅଭିଯୋଗ କରିଛନ୍ତି। ଏହା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉନି; ବରଂ ୫୦ରୁ ଅଧିକ ମହିଳା ଓ ପୁରୁଷଙ୍କ ନାମରେ ୧୦୭ କେଶ୍ ଦିଆଯାଇଛି। ଅଭିଯୋଗକାରୀ ତରଭା ଥାନା ଓ ପରେ ତରଭା ତହସିଲଦାରଙ୍କ କାର୍ଯ୍ୟାଳୟରେ ଏ ନେଇ ଅଭିଯୋଗ କରିଛନ୍ତି। ତେବେ ୭ ଦିନ ମଧ୍ୟରେ ବିବାଦୀୟ ସ୍ଥାନ ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ତୁଳା ମୁଦୁଲି ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ ଗ୍ରାମବାସୀଙ୍କ କହିବା ଅନୁସାରେ ବିବାଦୀୟ ଗୋଚର ଜମି ଗାଈଗୋରୁଙ୍କ ଚାରଣ ଭୂଇଁ ଓ ଯୁବକମାନେ ଖେଳିବା ପାଇଁ ବ୍ୟବହାର କରାଯାଉଥିଲା। ଏହି ଗୋଚର ଜମି ଜବରଦଖଲ ହେବା ଦ୍ୱାରା ଗୋରୁଗାଈଙ୍କ ଚରିବାରେ ସମସ୍ୟା ହେଉଛି। ପିଲାମାନେ ମଧ୍ୟ ଖେଳିବାକୁ ଜାଗା ପାଉ ନାହାନ୍ତି। ତହସିଲଦାରଙ୍କୁ ଅଭିଯୋଗ ସମୟରେ ରାଜସ୍ୱ ସହାୟକ ଶିବାନନ୍ଦ ବାଘ, ବିଭଗୀୟ ଅଧିକାରୀ ବୀରେନ୍ଦ୍ର ରଥ ଉପସ୍ଥିତ ଥିଲେ।

# ୩ଟି ପଞ୍ଚାୟତରେ ମନ୍ତ୍ରୀ ଟୁକୁନୀ ସାହୁଙ୍କ ନିର୍ବାଚନୀ ପ୍ରଚାର

**ଗୁଡ଼ଭେଲା, ୧୮।୪(ସମିସ):** ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଡ଼ଭେଲା ବ୍ଲକର ଗମ୍ଭାରୀଗୁଡ଼ା, ଜାମୁଟ, ବିରାମୁଡ଼ା ପଞ୍ଚାୟତର ପ୍ରତ୍ୟେକ ଗାଁକୁ ମନ୍ତ୍ରୀ ଟୁକୁନୀ ସାହୁ ଗସ୍ତ କରିବା ସହିତ ଭୋଟ ଭିକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନାମାନ ବିଷୟରେ ଲୋକଙ୍କୁ ବୁଝାଇଥିଲେ। ନିଜେ ମନ୍ତ୍ରୀ ହେବା ପରେ ଗୁଡ଼ଭେଲା ବ୍ଲକର ସମସ୍ତ ଚାଷୀମାନଙ୍କୁ ମେଗା ପଏଣ୍ଟ ଦ୍ୱାରା ଜଳ ଯୋଗାଇ ଦେଇଥିଲେ। ଗୁଡ଼ଭେଲା ଠାରେ ଗ୍ରୀଡ୍ ସ୍ଥାପନ କରି ୬ ନମ୍ବର ଜୋନ୍‌ର ସମସ୍ତ ପଞ୍ଚାୟତବାସୀଙ୍କୁ ବିଜୁଳି ଯୋଗାଇ ଦେଇ ବିଜୁଳି ଜନିତ ସମସ୍ୟା ଦୁର କରିଥିଲେ। ନିଜେ ଗୁଡ଼ଭେଲା ବ୍ଲକ ଅଞ୍ଚଳକୁ ବାରମ୍ବାର ଗସ୍ତ କରି ଲୋକଙ୍କ ସମସ୍ୟା ଦୂର କରିବା ସହିତ ଅନେକ ଜନହିତକର କାର୍ଯ୍ୟ କରିଛନ୍ତି। ଗସ୍ତ ସମୟରେ ମନ୍ତ୍ରୀ ଶ୍ରୀମତି ସାହୁଙ୍କ ସହିତ ଟିଟିଲାଗଡ଼ ବିଜେଡି ସଭାପତି ରଣଜୀତ ପୃଷ୍ଟି, ୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରାମନୀବାସ ଅଗ୍ରୱାଲ, ଗୁଡ଼ଭେଲା ବିଜେଡି ବ୍ଲକ ସଭାପତି ଅରୁଣ ପ୍ରଧାନ, ତୁଷୁରା ଏନଏସି ଅଧକ୍ଷ ଅଜୟ ଜୟସ୍ୱାଲ, ଲୋକନାଥ ମହାପାତ୍ର ଓ ସମରା ସରପଞ୍ଚ ଗୁଲାପ ସେଠଙ୍କ ସହିତ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।





ସୋନପୁରର ଜଙ୍ଗଲରେ ଇଣ୍ଡିଆନ ପାରାଡାଇଜ୍ ଫ୍ଲାଇକେଚର ପକ୍ଷୀ

ଫଟୋ- ଜ୍ୟୋତିରାଦିତ୍ୟ ପିନାକୀ ପଣ୍ଡା

## ଅଷ୍ଟପ୍ରହର ନାମଯଜ୍ଞ କର୍ତ୍ତାଙ୍କୁ ଗୁଳିମାଡ଼

**ଶଗଡ଼ା, ୧୮।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଲମ୍ବ୍ରସ୍ୱରୀ ପଞ୍ଚାୟତର ପିପଲପାଲିରେ ରାମନବମୀ ପାଇଁ ଅଷ୍ଟପ୍ରହର ନାମଯଜ୍ଞରେ ଗୁଳି ଫୁଟିଛି। ଏଥିରେ କର୍ତ୍ତା ଭାବେ ବସିଥିବା ବଶ୍ୱାମିତ୍ର ଜାନି ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ନିଆଯାଇଥିଲା। ସେଠାରୁ ପୁଣି ରାୟପୁର ସ୍ଥାନାନ୍ତର କରାଯାଇଛି। ଛାତିରେ ତାଙ୍କର ଗୁଳି ବାଜିଥିବାରୁ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ବୃତ୍ତ ଦର୍ଶନ ଆଳରେ ତାଙ୍କ ପାଖରୁ ଆସି ଗୁଳି ଚଳାଇଥିଲା। ଗ୍ରାମବାସୀ ତାକୁ କାବୁ କରି କଣ୍ଟାମାଳ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଗୁଳି କରିଥିବା ଯୁବକକୁ ଥାନାକୁ ନେଇ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି। ଅଟକ ବ୍ୟକ୍ତି ଜଣକ ମନମୁଣ୍ଡା ଥାନା ସାନମନମୁଣ୍ଡା ଗାଁର ବଳବନ୍ତ ନାୟକ। ପୂର୍ବ ଶତ୍ରୁତାରୁ ଏହି ଗୁଳିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



## ଭୈରବୀ ମନ୍ଦିର ପାଇଁ ଭୂମିପୂଜା

**ଶଗଡ଼ା, ୧୮।୪(ସମିସ):** କଣ୍ଟାମାଳ ବ୍ଲକ ଖଣ୍ଡାୟତ ଓଡ଼ିଆ ସମାଜ ତରଫରୁ ଭୈରବୀ ମନ୍ଦିର ପାଇଁ ଖଲିଆ ପାଲି ପଞ୍ଚାୟତ ଝଗୁଡୁପାଲିରେ ଭୂମିପୂଜା କରାଯାଇଛି। ଏହି ଉତ୍ସବରେ ସମାଜର ସଭାପତି ରାମେଶ୍ୱର ବଡ଼ଚାଟ, ଉପସଭାପତି ଧନେଶ୍ୱର ନାୟକ, ସାଧାରଣ ସମ୍ପାଦକ ଠାକୁର ଚରଣ ନାୟକ, ସହ ସମ୍ପାଦକ ପୁରୁଷୋତ୍ତମ ଦଳ ବେହେରା, କୋଷାଧକ୍ଷ ବିକର୍ତ୍ତନ ଗୁରୁ, ବରିଷ୍ଠ ସଭ୍ୟ ରୋହିତ ବଡ଼ଚାଟ, ଖଲିଆପାଲି ସରପଞ୍ଚ ପ୍ରତିନିଧି, ସମାଜର ବରିଷ୍ଠ ସଭ୍ୟ ଜେମାକାନ୍ତ ନାୟକ, ବନମାଳୀ ଗୁରୁ, ବିପିନ ଗୁରୁ, କେଶବ ନାୟକ, ଯୁଗେଶ୍ୱର ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# କୁତୁର୍ଲା ସରପଞ୍ଚଙ୍କ ସମେତ ୧୦ ୱାର୍ଡ ସଭ୍ୟସଭ୍ୟାଙ୍କ ବିଜେଡିରେ ଯୋଗଦାନ



**ଦେଓଗାଁ, ୧୮।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତର ସରପଞ୍ଚ ତେଜ ହରପାଲ ଓ ତାଙ୍କ ସ୍ୱାମୀ ବରିଷ୍ଠ ଏସସି ସଂଗଠକ ଡମ୍ବରୁଧର ହରପାଲଙ୍କ ସମେତ ୧୦ଜଣ ୱାର୍ଡ ସଭ୍ୟାସଭ୍ୟ ଓ ବହୁ କଂଗ୍ରେସ କର୍ମୀ ଗୁରୁବାର ବିଜେଡି ଦଳରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। କଂଗ୍ରେସ ସମର୍ଥିତ ସରପଞ୍ଚହରପାଲ ଓ ତାଙ୍କ ସମର୍ଥକମାନେ ରାଜ୍ୟ ସରକାରଙ୍କ ବିକାଶ ଧାରା ତଥା ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ପୂର୍ବତନ ଏମପି ତଥା ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ମତ ପ୍ରକାଶ କରିଛନ୍ତି। ଏହାସହ ଆଗକୁ ବିଜେଡି ସରକାର କ୍ଷମତାକୁ ଆସିଲେ କୁତୁର୍ଲା ପଞ୍ଚାୟତର ଦୃତ ବିକାଶ ଆଶା ନେଇ ଦଳରେ ସାମିଲ ହୋଇଥିବା ଗଣମାଧ୍ୟମକୁ ସରପଞ୍ଚ ତେଜ ହରପାଲ ସୂଚନା ଦେଇଛନ୍ତି। ସମସ୍ତ ସଦସ୍ୟଙ୍କୁ କଳିକେଶ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏ ଅବସରରେ ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, ରାଜ୍ୟ ବିଜେଡି ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ଯୁବନେତା ଦୀପକ ପଣ୍ଡା, ସଞ୍ଜିବ ପଧାନ, ରିତୁ ବୁଢେ, କାର୍ତ୍ତିରାଜ ବାଗ, ଉଦୀତ ପାଢ଼ୀ, ଜିବର୍ଦ୍ଧନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ବାଞ୍ଜିବାହାଲିରେ ବିଜେଡିର ବ୍ଲକସ୍ତରୀୟ ଏସ୍‌ସି ସମାବେଶ

**ଦେଓଗାଁ, ୧୮।୩(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସିକୁଆଁ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିବାହାଲି ଆମ୍ରକାନନ ଠାରେ ବିଜେଡି ପକ୍ଷରୁ ବ୍ଲକସ୍ତରୀୟ ଏସସି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏସ.ସି ବରିଷ୍ଠ ସଂଗଠକ ପାଣ୍ଡବ କୁମ୍ଭାରଙ୍କ ପରିଚାଳନା ତଥା ବଲାଙ୍ଗିର ମ୍ୟୁନିସିପାଲଟିର କାଉନସେଲର ତଥା ଏସସି ନେତା ଶମ୍ଭୂଭୂଷଣ ନାଗଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂ ଦେଓ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓ, ଯୁବନେତା ମନ୍ମଥ ବିଜୟ ସିଂ ଦେଓ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଏହି ଅଞ୍ଚଳର ବିକାଶ ଦିଗରେ ଅନବରତ ଭାବେ କାର୍ଯ୍ୟ କରିଆସୁଥିବାରୁ ବିଜୁ ଜନତା ଦଳର ସପକ୍ଷରେ ରହି ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାପାଇଁ ନିବେଦନ କରିଥିଲେ। ରାଜ୍ୟ ସରକାର ଅନୁସୂଚିତଜାତି ପାଇଁ ନିକଟରେ ଅନେକ ବହୁମୁଖି ଯୋଜନା ଘୋଷଣା କରିବାସହ ଶିକ୍ଷା କ୍ଷେତ୍ରରେ ଏହି ବର୍ଗଙ୍କୁ ସ୍ୱତନ୍ତ୍ର ମାନ୍ୟତା ଦେଇଛନ୍ତି। ଆଗାମୀ ଦିନରେ ସରକାର ଅନୁସୂଚିତ ବର୍ଗଙ୍କ ପାଇଁ ଅନେକ ଯୋଜନା ପ୍ରାଥମିକତାଭାବେ ଯୋଇଦେବାକୁ ଲକ୍ଷ୍ୟରଖିଥିବା ଏବଂ ତାଙ୍କର ବିକାଶ କ୍ଷେତ୍ରରେ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ହେବବୋଲି କହି କଳିକେଶ ପ୍ରତିଶ୍ରୁତି ଦେଇ ଚଳିତ ନିର୍ବାଚନରେ ଉଭୟ ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ବିଜୟୀ କରିବାପାଇଁ ସମାବେଶରେ ଭୋଟଭିକ୍ଷା କରିଥିଲେ। ଏହି ଅବସରରେ ସମ୍ମାନିତ ଭାବେ କାଉନସିଲର ତଥା ବିଜେଡି ନଗର ସଂଗଠକ କିଶୋର କୁମ୍ଭାର, ଶ୍ରୀବତ୍ସ ନାଗ, ରାଜେନ୍ଦ୍ର ନନ୍ଦ, ଯୌବନ ନନ୍ଦ, ଡମ୍ବରୁଧର ହରପାଲ, ଏସସି ସଂଗଠକ ଆକାଶ ସାଗର, ଈଶ୍ୱର ନନ୍ଦ ପ୍ରମୁଖ ମଞ୍ଚାସୀନ ରହି ରାଜ୍ୟ ସରକାରଙ୍କ ବହୁମୂଖି ଯୋଜନା ଉପରେ ବକ୍ତବ୍ୟ ରଖିବାସହ ଅଭିଜ୍ଞ ସମ୍ପନ୍ନ ଯୁବନେତା କଳିକେଶ ନାରାୟଣ ସିଂ ଦେଓଙ୍କୁ ସମସ୍ତେ ସମର୍ଥନ ଦେବାକୁ ଆହ୍ୱାନ କରିଥିଲେ। ଏହି ପରିପେକ୍ଷୀରେ ୨୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ବିଜେଡିରେ ଯୋଗଦେଇଥିବା ବେଳେ କଳିକେଶ ସମସ୍ତଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ ଜଣାଇଥିଲେ। ସମାବେଶରେ୧୫ଶହରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତିର ମହିଳା ଓ ପୁରୁଷ ମତଦାତା ଉପସ୍ଥିତ ଥିଲେ।



